

ନଂ. 256
ତା 17 JUL

# କଳାପାଣି ଡାକୁ

## (ଡିଟେକ୍‌ଟିଭ ଉପନ୍ୟାସ)

କଥାବସ୍ତୁ
ମହନ୍ତ ଶ୍ରୀ ବନମାଳି ଦାସ

ସଂଯୋଜନା
କମଳ ଲୋଚନ ମହାନ୍ତି

କଥାବସ୍ତୁ—
ମହନ୍ତ ଶ୍ରୀ ବନମାଳିଦାସ
ସଂଯୋଜନା—
ଶ୍ରୀ କମଳଲୋଚନ ମହାନ୍ତି

ପ୍ରକାଶକ—
ଶ୍ରୀ ଭୀମସେନ ମହାପାତ୍ର
ମୁଦ୍ରାକର—
ଏନ୍. କେ. ପଟ୍ଟନାୟକ
ଅମର ପ୍ରେସ, ବ୍ରହ୍ମପୁର (ଗଞ୍ଜାମ)
ଦ୍ୱିତୀୟ ସଂସ୍କରଣ—୧୦୦୦—୧୯୫୭

ପ୍ରାପ୍ତିସ୍ଥାନ
ଓଡିଶା ବୁକ୍ ହାଉସ୍
ବ୍ରହ୍ମପୁର (ଗଞ୍ଜାମ

ମୂଲ୍ୟ ଏକ ଟଙ୍କା

17 JUL

# ଉପହାର

ଶ୍ରୀ ____________________

____________________

ଆଣ୍ଡାମାନ ଦ୍ୱୀପ ।

ଗଡାଣି ଉଠାଣି କଙ୍କରମୟ ପର୍ବତମାଳା । ଚିର ହରିତ ବନାନୀ । ଜଳବାୟୁ ଅସ୍ୱାସ୍ଥ୍ୟକର ।

ଏହା ଚିଫ୍ କମିଶନରଙ୍କ ଦ୍ୱାରା ଶାସିତ ଗୋଟିଏ କ୍ଷୁଦ୍ର ପ୍ରଦେଶ ।

ଅଧିବାସୀ ? ଭାରତର ଯେତେ ବଡ଼ବଡ଼ ଡାକୁ, ଚୋର, ଖୁଣୀ, ହତ୍ୟାକାରୀ, ଭଗବାନଙ୍କ ସୃଷ୍ଟିର ଯେତେକ ଭୟଙ୍କର ମଣିଷ ତାଙ୍କର ପାଇଁ ଏ ନିକାଞ୍ଚନ ସ୍ଥାନଟି ସୃଷ୍ଟି କରିଛନ୍ତି ଅଧିକାରୀ। ବଙ୍ଗୋପସାଗର ମଧ୍ୟରେ……

ପୋର୍ଟବ୍ଲେୟାର ଏହାର ରାଜଧାନୀ । ମଣିଷ ହାତ ତିଆରି ସହର…। ସହରଟି ସୁନ୍ଦର ନୁହେଁ । ଅସୁନ୍ଦର ବୋଲିବି କୁହାଯାଇ ପାରିବ ନାହିଁ ।

ଏହାର ବନ୍ଦୀଶାଳଟିରେ ବିଶେଷତ୍ୱ ପରିଲକ୍ଷିତ ହୁଏ ।

ଲୋକ ସଂଖ୍ୟା ୨୫।୩୦ ହଜାର ପାଖାପାଖି । ସମସ୍ତେ ସୁଖ-ସ୍ୱଚ୍ଛନ୍ଦରେ ବିହାର କରନ୍ତି । ଜଙ୍ଗଲ ସଫା କରନ୍ତି । ଫସଲ ଅମଦାନୀ କରନ୍ତି । ଆଦମ ଯୁଗର ମଣିଷ ପରି ସେମାନେ ବଞ୍ଚନ୍ତି । ନିର୍ଭୀକ

ଭାବରେ ବଞ୍ଚିଛନ୍ତି । କାରଣ ଉଚ୍ଚ ଅଭିଳାଷ ତାଙ୍କ ଠାରୁ ଲୋପ ପାଇଛି । ଦୁନିଆର ବନ୍ଧନ କାଟି ସେମାନେ ଦରିଆ ମଝିରେ ଗଢ଼ିଛନ୍ତି ସମାଜ ।

ସେ ସମାଜରେ ଆଇନ କାନୁନ; ସାମାଜିକ ସଂସ୍ଥା; ପରଂପରା— ଆମ ଗାଁ ମାନଙ୍କ ଠାରୁ ପୃଥକ......ଅବିକଳ ଓଲଟା...ସାମାଜବାଦ ଠାରୁ ମାର୍କ୍ସବାଦ ବଳିଷ୍ଠ ସେଠି ।

ଏ ଗୋଷ୍ଠୀକୁ ଛାଡ଼ିଦେଲେ ଶାସନ କରିବାକୁ ଆସିଥିବା କେତେ-ଜଣ କର୍ମଚାରୀ...। ପଇସା ଲୋଭରେ ବନ୍ଧି ରହିବା ପାଇଁ ସେମାନେ ବି ସମାଜ ଛଡ଼ା ହୋଇ ରହି ଗଲେଣି ଏଠି ।

ତଳିଆ କର୍ମଚାରୀମାନେ ଆମମାନଙ୍କ କାମ କରି ଯିବାକୁ ରାଜି ହୁଅନ୍ତିନି । ତେଣୁ ସୁଶୃଙ୍ଖଳ ସୁରୁଚି ବନ୍ଦୀମାନଙ୍କୁ ଭଲ ବ୍ୟବହାର ଯୋଗୁ ଦଣ୍ଡ ଲାଘବ କରାଯାଇ ଛୋଟ ଛୋଟ କାମରେ ମୁତୟନ କରାଯାଏ ।

ଦୁର୍ଦ୍ଦାନ୍ତ ଦସ୍ୟୁମାନଙ୍କୁ ସ୍ୱଚ୍ଛନ୍ଦରେ ବୁଲିବାକୁ ଛାଡ଼ି ଦିଆ ନହୋଇ ପୋର୍ଟବ୍ଲେୟାରସ୍ଥ ବନ୍ଦୀଶାଳାରେ ପ୍ରତ୍ୟେକଙ୍କୁ ପ୍ରତ୍ୟେକଙ୍କ ଠାରୁ ପୃଥକ କରି; ଛୋଟ ଛୋଟ ସେଲମାନଙ୍କରେ ବନ୍ଦୀ କରି ସନ୍ଧ୍ୟାରେ ରଖାଯାଏ ।

କାରଣ ସେ ନିର୍ଜନ ଜଳପାଣି ଟାପୁରେ ସେମାନଙ୍କ ହିଂସ୍ରତା ବେଳେ ବେଳେ ଜାଗିଉଠେ ।

କେତେଦିନ ହେଲା ଜେଲରେ ଜନୈକ ବିପଦଜନକ ଦସ୍ୟୁ ଯାବଜ୍ଜୀବନ ଦ୍ୱୀପାନ୍ତରୀତ ହୋଇ ଆସିଛି । ତାର ନାମ ବାହାଦୁର...

ବାହାଦୁର ଜନ୍ମସ୍ଥାନ ଜଳନ୍ଧରରେ । କିନ୍ତୁ ତାର ଚରା ଭୂମି ?

ସାରା ଭାରତରେ । ବ୍ୟବସାୟ ?.....ଚୋରି, ଡକାୟତି । ସରକାରଙ୍କ ଖଜଣାଖାନା ଲୁଟି ...ନରହତ୍ୟା... ଗୃହଦାହ...ସବୁ ରକମ

ପୈଶାଚିକ କାମରେ ପଟୁ···। ଦେହରେ ଅସୀମ ପଶୁ ଶକ୍ତି । ବିଚକ୍ଷଣ ବୁଦ୍ଧିମାନ ସେ ।

ଯେତେବେଳେ ସାରାଦେଶ ଆତଙ୍କିତ ହୋଇ ଉଠିଲା, ପ୍ରାଦେଶିକ ସରକାର ବିହାରୀର ଉପଦ୍ରବରେ ପ୍ରମାଦ ଗଣିଲେ; ଡିଟେକ୍‌ଟିଭ ହ୍ୱିଟଗ୍ରିନ କୌଶଳରେ ତା ସଙ୍ଗରେ ବନ୍ଧୁତା ବାନ୍ଧି, ନିର୍ମମ ଭାବରେ ବିଷ ଦେଇ ପୁଲିସ ହାତରେ ବନ୍ଧାଇ ଦେଲେ ।

ଦୁନିଆ ଆଶ୍ୱସ୍ତିରେ ନିଶ୍ୱାସ ମାରିଲା । କିନ୍ତୁ ନରହତ୍ୟା ଅପରାଧରେ ତାକୁ ଦୋଷୀ ସାବ୍ୟସ୍ତ କରାଯାଇ ପାରିଲା ନାହିଁ । ତାକୁ କଳାପାଣି ପାରିହୋଇ ଯାବତଜୀବନ ଆଣ୍ଡାମାନ ଦ୍ୱୀପପୁଞ୍ଜରେ ବନ୍ଦୀହୋଇ ରହିବାକୁ ହେଲା ।

ଦିନଯାକ ବିହାରୀ ବନ୍ଦୀଶାଳରେ ପାଚେରୀ ଘେରା ବଗିଚାରେ ବୁଲେ । ଦେଖେ—ଅନ୍ୟ ବନ୍ଦୀମାନେ ଝାଳ ବୁହାଇ ଖାଟନ୍ତି··· ଗମଗମ ଝାଳ ବୋହି ଯାଉଥାଏ ସେମାନଙ୍କ ଦେହରୁ ।

କିନ୍ତୁ ସେ ଉପଭୋଗ କରେ—ଉପଭୋଗ କରେ କଏଦୀମାନଙ୍କର ଉଦ୍ୟମକୁ···ଜେଲର କର୍ମକର୍ତ୍ତାମାନେ ସନ୍ତୁଷ୍ଟ ହେଲେ ଲଘବ କରି ଦେବେ ଦଣ୍ଡଦେବା ଅଥବା ସୁପାରିଶ କରି ଜେଲ ଓ୍ୱାର୍ଡ଼ରର ଚାକିରୀରେ ମୁତୟନ କରିବେ ।

ବିହାରୀ ହସେ । ଏତେ ଭୀରୁ ଏ ମଣିଷ ଗୁଡ଼ାକ ? ଅନ୍ୟକୁ ସନ୍ତୁଷ୍ଟ କରିବାକୁ ଏମାନେ କାମ କରିବେ ? ଚୋର, ଡକାୟତ, ଖୁଣୀ ଆସାମୀ କଣ ଅନ୍ୟର ମରଜି ଜଗିବାକୁ ଜନ୍ମ ?

ତାର ଇଚ୍ଛା ଚୋର, ଡକାୟତ, ଖୁଣୀ ଆସାମୀମାନେ ନିର୍ଭିକ ହେବା ଉଚିତ । ଦଳେ ଲୋକଙ୍କୁ ଖୁସୀ କରିବା ପାଇଁ

ଦେହକୁ ଖାଲି ବୁହାଇବ ?...ଅସମ୍ଭବ ... ଅସମ୍ଭବ !!

ଅନ୍ୟର ମରଜି, ଦୟା ଉପରେ ନିର୍ଭର କରି ସ୍ୱଦେଶକୁ ଫେରି ଯିବାର ଚିନ୍ତା ତାଙ୍କୁ ଅସହ୍ୟ ବୋଧହେଲା ।

ନିଜର ଶକ୍ତି ଉପରେ ମଣିଷ ନିର୍ଭର କରିବା ଉଚିତ । ଏକା ଦିନକେ ଆମ୍ଭମାନଙ୍କର ସମସ୍ତ ବନ୍ଦୀ ଯେବେ ବିଦ୍ରୋହ କରି ଉଠନ୍ତେ ! ବାଣ୍ ବାଣ୍...ହାଃ...ହାଃ ।

ନିକଟରେ ଥିବା ଓ୍ୱାର୍ଡର କହିଲା—"ଜହାଜି ତୁମର କ'ଣ ହୋଇଛି......ଏମିତି ହସୁଛ ଯେ......।"

"ହସିବିନି ? ଜହାଜି ଜନ୍ମ ହୋଇଛି ଖାଲି ହସିବାକୁ ଆଉ ହସାଇବାକୁ......।"

"ହସେଇବା ପାଇଁ ?" ଓ୍ୱାର୍ଡର ପ୍ରଶ୍ନ କଲା।

"ହଁ, ତୋତେ । ତୋ ପିଲା ମାଇପଙ୍କୁ...ତୋର ଦଳର ସବୁହରାର ଘରେ ହସ ଫୁଟାଇବା ପାଇଁ ଜହାଜିର ଜନ୍ମ । ଆଉ... ସେ ସଭ୍ୟ ସମାଜର ମଣିଷଖିଆ ହିଂସ୍ର ଲୋକଗୁଡାଙ୍କର ମୋତେ ଭୟ କାହିଁକି ଜାଣୁ ?"

ଓ୍ୱାର୍ଡର ମୁଗ୍ଧ ହୋଇ ଶୁଣୁଥିଲା ।

"ମୁଁ ତାଙ୍କର ରକ୍ତକୁ ଭଲପାଏ । ବଡ ମିଠା । ବଡ ତୃପ୍ତି । ସେ ରକ୍ତ ଏଠି କାହିଁ ?—ଏଠି ଖାଲି ବଣ । ଜଙ୍ଗଲ । ପର୍ବତ । ପାହାଡ । ଡାଆଁଶ । ମଶା । ମାଛି । ଗୁଡ଼୍ ଆଉ କଳାପାଣିର ସମୁଦ୍ର ।

ହଁ, ମୁଁ କଣ ଚାହେଁ ଶୁଣିବୁ ? ଏଇ ସମୁଦ୍ର ଯେଉଁଠି ଶେଷ ହୋଇ ଯାଇଛି...ସେଠୁ ଦରିଦ୍ର ଲୋକ...ରୋଗୀ, ଭୋକିଲା ଲୋକ ମୋତେ ଡାକୁଛନ୍ତି । କାକୁତିମିଶା କଣ୍ଠରେ ମୋର ସାହାଯ୍ୟ

ଲୋଡୁଛନ୍ତି । ଗାଁ ମୋତେ ହାତଠାରେ ଡାକୁଛି । ସାଙ୍ଗମାନେ ବିକଳ ହୋଇ ଅନାଇଛନ୍ତି । ମା' ଭଉଣୀଙ୍କ ଇଜ୍ଜତ ଘୋଡ଼ାଇବା ପାଇଁ ବିହାରୀ ହାତରୁ ଲୁଗାଖଣ୍ଡେ, ଦରବା ଖଣ୍ଡେ ପାଇଁ ସରମ ମୁହଁରେ ଚାହୁଁଛନ୍ତି । ଆଉ ଧନୀ, ବଡ଼ଲୋକମାନେ ଉପହାସ କରୁଛନ୍ତି···ଶୁଣ ···ଶୁଣ କି ବିକଟ ହସ ହସୁଛନ୍ତି । ସେମାନେ ଭାବନ୍ତି ମୁଁ ଶେଷ ହୋଇ ଯାଉଛି···କଳାପାଣି··ଦରିଆ ସେପାରି ଏ ଦ୍ୱୀପରେ ନିଃଶେଷ ହୋଇ ଯାଉଛି ।

କଣ ପାଗଳଙ୍କ ପରି ଗପୁଛୁ ବିହାରୀ ?

କ୍ରୋଧ ଜର୍ଜରିତ ହୋଇ ବିହାରୀ ଆଘାତ କଲା ୱାର୍ଡରଙ୍କୁ । "ଜାଣୁନା ତୁ କାହା ସଙ୍ଗରେ କଥା ହେଉଛୁ ? ବିହାରୀ····ମୁଁ ବିହାରୀ ନା ସର୍ଦ୍ଦାର କିଏ ?"

—ସର୍ଦ୍ଦାର !

—ହଁ, ମୋର ପରିଚୟ ସର୍ଦ୍ଦାର··ଆଉ ଯେବେ ଅସମ୍ମାନ କରିବୁ ତ······

ଥରିଉଠିଲା ୱାର୍ଡର "ମୁଁ ଜାଣେ ତୋତେ ସର୍ଦ୍ଦାର ! କ୍ଷମାକର । ମୁଁ ବି ଜଣେ ବନ୍ଦୀ··ଯାବଜ୍ଜୀବନ ଏଇଠି ରହିବି । ଏବେ କମିଶନର ସାହେବଙ୍କର କୃପା ହେଲା ଯେ, ୱାର୍ଡର ଚାକିରି ଖଣ୍ଡେ···।

ନୀଚ, ଭୀରୁ ତୁ । ମୁଁ କଣ ତୁହେଁ ଶୁଣିବି ?

ତା ମୁହଁକୁ ୱାର୍ଡର ବକ୍ ବକ୍ କରି ଅନାଇଲା ।

ସେମାନଙ୍କ ଡାକକୁ ଏଡ଼ି ପାରିବନି···ଧନୀ ଲୋକଙ୍କ ଉପହାସକୁ ସହି ପାରିବନି···ନିମକହାରାମ କୁଆଡ଼ୋର ସ୍ୱାର୍ଥକୁ

ଉପଯୁକ୍ତ ଶାସ୍ତି ନଦେଇ ମରି ପାରିବିନି······

—ସର୍ଦ୍ଦାର·····!

"ଆଶ୍ଚର୍ଯ୍ୟ ହେଉଛୁ ଓ୍ୟାର୍ଡର । ତୁ କ'ଣ ସର୍ଦ୍ଦାରର ଶକ୍ତି ଜାଣୁନା ! କମିଶନର ସାହେବ ସର୍ଦ୍ଦାରର ଶକ୍ତି ଓ ସାହାସର ପରିଚୟ ପାଇ ଗୁରି ଗୁରିଟା ସିପାହୀ ମୁତୟନ କରିଛନ୍ତି । ଆଜ ତୁ ସର୍ଦ୍ଦାରର ଦୋସ୍ତ ହୋଇ ତାର ଶକ୍ତି ଉପରେ ବିଶ୍ୱାସ କରି ପାରୁନୁ ?

—ହଁ, ମୋତେ ସାହାଯ୍ୟ କରି ପାରିବୁ ?

—ସାହାଯ୍ୟ ? ମୁଁ କଣ କରିପାରିବି ସର୍ଦ୍ଦାର ?

—ମୁଁ ଏଠୁ ଖସି ଯିବି······

ଖସି ଗଲେ ବଣ ଜଙ୍ଗଲରେ ତୋତେ କିଏ ସୁବିଧାରେ ରଖିବ ସର୍ଦ୍ଦାର ? ଏଠି ବେଶ ଅଛୁ···

—ନାହିଁରେ ବୋକା । ଦେଶକୁ ଯିବି··· ଗାଁକୁ ଯିବି ।

—ଦରିଆ ଚାରିଆଡ଼େ । କଳାପାଣି, ମଗର···କୁମ୍ଭୀର ଜଳ ହିଂସ୍ର ଜନ୍ତୁ ସର୍ଦ୍ଦାର !

"ଦେଖ ଶାଳେଇ ଡରୁଛୁ ତୋର ! ଜଳ ହିଂସ୍ରଜନ୍ତୁ ଠାରୁ ତୋର ସର୍ଦ୍ଦାର ଅଧିକ ହିଂସ୍ର···।···ବସ···ବିପକ୍ଷ କାଟେ । ତୁ ସାମାନ୍ୟ ସାହାଯ୍ୟ କରି ପାରେନୁ ? ହଁ, ହଁ, ମୁଁ ମୋ ଦେଶକୁ ଫେରିଯିବ । ଗାଁ ମାଟି ଡାକୁଛି । ମୋ ଦେଶର ସର୍ବହରା ବୁଭୁକ୍ଷୁର ଆର୍ତ୍ତନାଦ ମୋର ହୃତପିଣ୍ଡକୁ ଦୋହଲାଇ ଦେଉଛି । ଧନୀ, ପୁଞ୍ଜିପତିଙ୍କ ତାଡ଼ନରେ ନିଃସହାୟ ଭାବରେ ସେମାନେ·····ନା, ନା, ମୋ ପିତୃପୁରୁଷ ମାଟିକୁ ପ୍ରଣାମ କରି ଫେରି ଯାଇ ସେଇଠି ମରିବି···।"

ଅଧିକାଂଶ ବନ୍ଦୀମାନଙ୍କୁ ସ୍ୱାଧୀନ ଭାବରେ ବଞ୍ଚି ରହିବାକୁ ସୁଯୋଗ ଦିଆଯାଏ । ସାଧାରଣ ଜୀବନ ସେମାନେ କଟାନ୍ତି । ଭଲ ବ୍ୟବହାର ଦେଖାଇଲେ ଭାରତରୁ ପିଲାପିଲି ଅଣି ବସବାସ କରୁଛନ୍ତି । ତାଙ୍କର ଦଣ୍ଡ ନିଜ ଜନ୍ମମାଟି ମାଡ଼ନ୍ତି ନାହିଁ ।

ଦଣ୍ଡ ସମୟ ଅତିବାହିତ ହୋଇଗଲେ କେତେକ ସ୍ୱଦେଶକୁ ବାହୁଡ଼ି ଯାଆନ୍ତି । କିନ୍ତୁ ଅଧିକାଂଶ ଦୀର୍ଘ ସମୟ ରହିଲା ପରେ ନିଜ ଦେଶକୁ ଫେରି ଯିବାକୁ ଚାହାନ୍ତି ନାହିଁ ।

'ବିହାରୀ ଆଜୀବନ ଏଠରେ ବନ୍ଦୀ । ସେ ଆଜି ଚାହୁଁଛି ଦେଶକୁ ଫେରି ଯିବା । ଆଠମାସ ରହିଛି କି ନାହିଁ, ତାର ଆଜି ସ୍ୱଦେଶ ସ୍ୱପ୍ନ......।

କାଲି ସ୍ୱଚ୍ଛନ୍ଦରେ ଦଶହରା ଉପଲକ୍ଷେ ଗୁରଜଙ୍ଗୀ ଓ୍ୱାଡ଼ର ପରିବେଷ୍ଟିତ ହୋଇ ପଡ଼ାକୁ ଯାଇ ପାରିବ ସର୍ଦ୍ଦାର......।

—କାହିଁକି ଏତେ ଦୟା କମିସନର ସାହେବଙ୍କର···।

ଦଶହରା । କାଲି ଦଶହରା । ଆନନ୍ଦର ଦିନ··· ସମସ୍ତଙ୍କୁ ଆନନ୍ଦରେ କଟାଇବା ପାଇଁ ହୁକୁମ ମିଳିଛି ।

ମୋତେ ଯେ ସଦାକୁ ଛାଡ଼ୁଛନ୍ତି, ପରିଣାମ ସେମାନେ କ'ଣ ଚିନ୍ତା କରିଛନ୍ତି ?

—ଚାରିଆଡ଼େ ଭୟଙ୍କର ସମୁଦ୍ର ।

କହୁଥିଲ ପରା ଭୟାନକ ସମୁଦ୍ର ଠାରୁ ଆହୁରି ଭୟଙ୍କର ଏ ଜାହାଜ । ଚାରିଜଣ ଜଗୁଆଳି ପରିବେଷ୍ଟିତ ବନ୍ଦୀର ଶକ୍ତି ଅଛି କଣ ? କୌଣସି ବନ୍ଦୀ କଳାପାଣିରୁ ପଳାଇ ଯାଇ ପାରିନି ।

ତେବେ ଶୁଣ ଜମାଦାର ! ମୁଁ ଏହି ଗୌରବରେ ଗୌରବାନ୍ୱିତ ହେବି । ଏହି କଳାପାଣିକୁ ସୁଖରେ ପାର ହୋଇ ମୋ ଜନ୍ମମାଟିରେ ଯାଇ ଠିଆ ହେବି । ତମର ଏ ନିରାଟ ସତ୍ୟର ବ୍ୟତିକ୍ରମ ଘଟାଇବ ଜାହାଜ ! ହଁ ହଁ, ସର୍ଦ୍ଦାର ଜାହାଜ ଏ ଐତିହାସିକ କ୍ରମତାର ବ୍ୟତିକ୍ରମ ଘଟାଇବ ।

× × × ×

ମୁହଁରେ ତାର ଫୁଟି ଉଠୁଥିଲା ଅପୂର୍ବ ଆନନ୍ଦ । ଆଉ ସେ ବଳିଷ୍ଠ ବାହୁର ରକ୍ତବାହୀ ଶିରାଗୁଡ଼ା ଫୁଲି ଉଠି ତାର ଛାତିକୁ ଦୋହଲାଇ ଦେଉଥିଲା ।

ଶରତର ବର୍ଷା ଅସରାକ ଶେଷ ହୋଇ ଯାଇଛି ।

ନିର୍ମଳ ଆକାଶ ।

ଉଜ୍ଜ୍ୱଳ ସୂର୍ଯ୍ୟ କିରଣ ବଡ଼ ଉପଭୋଗ୍ୟ ।

ଗୋଡ଼ରେ ବେଡ଼ି ନାହିଁ । ହାତରେ ବେଡ଼ି । ଚାରିଜଣ ସିପାହୀ ଜଗୁଆଳରେ ଜାହାଜ ଚାଲିଛି ଆଗକୁ ଆଗ । ଖୋଲା ପବନ ବେଶ୍ ଭଲ ଲାଗୁଛି । ପର୍ବତ ଓ ଚିରହରିତ ବନାନୀର ଦୃଶ୍ୟରାଜି ତାଙ୍କୁ ଉତ୍ସାହିତ କରୁଛି ।

ଆଜି ତାର ଦରିଆ ପାରି କେଳିଆ ଦ୍ୱୀପାନ୍ତର ଯେଉଁଠି ଶେଷ ହୋଇ ଶୂନ୍ୟତା ସଙ୍ଗରେମିଶି ମିଶି ଯାଇଛି, ସେଇଠି ତାର ଲକ୍ଷ୍ୟ···! ମାତୃଭୂମିରେ ପହଁଚିବା ତାର କାମ୍ୟ !

ବହୁତ ବାଟ ଆସିଗଲେଣି ଏମାନେ । ସିପାହୀମାନେ କ୍ଳାନ୍ତ । ଆଗରେ ବଡ଼ ପଡ଼ିଆ । ସୁନ୍ଦର ଦୃଶ୍ୟ । ଠିକ୍ କେନ୍ଦ୍ର ଭାଗରେ ଗୋଟିଏ ମସ୍ତ ବଡ଼ ବାମ୍ଫୀ । ନିର୍ଜନ ଜାଗାଟି···ଚାରିଆଡେ ପଥର ମେଞ୍ଚଆ । କେଉଁ ଅତଳାତଳ ଗର୍ଭରେ ଯାଇ ପାଣି ।

ଫୁଲକୁଞ୍ଜଟିଏ ଗୋଟିଏ ପାଖରେ ··।

ଆଶ୍ବସ୍ତିରେ କ୍ଳାନ୍ତ ସିପାହୀମାନେ ମେଞ୍ଚଆ ଉପରେ ବସିପଡ଼ିଲେ । ଗୁଳିଭରା ବନ୍ଧୁକ ଗୁଡିକ ଢେର ହୋଇଥାଏ ନିକଟସ୍ଥ ପାଇନ ଗଛରେ ।

ନିବଦ୍ଧ ଭାବରେ ବନ୍ଦୀ ବାହାଦ୍ରୀ ଲୋଲୁପ ଦୃଷ୍ଟିରେ ଜନ୍ମଭୂମି ଆଡ଼କୁ ଅନାଇଛନ୍ତି । ତା ହାତରେ ହାତକଡ଼ି । ଚାରିଆଡ଼େ କଳା ସମୁଦ୍ର । ଦିଗ୍ ଦିଗନ୍ତ ବିସ୍ତାରିତ ଅମ୍ବୁରାଶି । ନିଶ୍ଚିନ୍ତ ଜଗୁଆଳି । ନିଃସହାୟ ବନ୍ଦୀ । ଜଗୁଆଳିଙ୍କୁ ଦିନଟି ବଡ ଉପଭୋଗ୍ୟ ।

ବାମ୍ଫୀ ଭିତରେ ସୁନ୍ଦର ୨ ନାଲି ମାଛ । ଟମ୍ପୁସିଆ ମାଛ ପୋକମାନଙ୍କୁ ଖାଇ ଯାଆନ୍ତି । ଏହା ମଶାଙ୍କର ପରମ ଶତ୍ରୁ । ତେଣୁ କମିଶନର ସାହେବ କେଉଁ ଦେଶରୁ ନା କେଉଁ ଦେଶରୁ ଆଙ୍କୁ ଆଣି ଛାଡ଼ିଛନ୍ତି ।

ସମସ୍ତେ ତାର ଦେଶରେ ଦେଖିବାକୁ ଲାଗିଲେ ।

ଚମତ୍କାର ! ନିଃସହାୟ ବନ୍ଦୀ ପଛଆଡୁ ଆକ୍ରମଣ କରି ଛଅଜଣଟି ସିପାହୀଙ୍କୁ ବାମ୍ଫୀ ଭିତରକୁ ପେଲି ଦେଲା ।

୪ର୍ଥ ଜଣଙ୍କ ଭୀମ ଗତିରେ ବନ୍ଦୀକୁ ଆକ୍ରମଣ କରିବା ପାଇଁ ଅଗ୍ରସର ହେଲା ବେଳକୁ ବନ୍ଦୀ ଖୁବ୍ ଜୋରରେ ତା ପେଟକୁ ଆଘାତ କଲା । ସେ ଠେଙ୍ଗୁଣ୍ଡ ହୋଇ ଭୂଇଁରେ ପଡ଼ିଗଲା ।

ବନ୍ଦୀ ତା ଛାତି ଉପରେ ବସି ପଡ଼ି କହିଲା—"ମନେ ଅଛି ଜମାଦାର ! ଅନେକ ଧନ ଦେଇ ଲୋଭାଇ ଦେଇଥିଲି ସ୍ୱଦେଶକୁ ଦେବାକୁ ମୋର ପ୍ରବଳ ଇଚ୍ଛା ଅଛି ବୋଲି । ମୁଁ ଚେଷ୍ଟା କଲିବେଳେ ତୁ ପ୍ରତିବନ୍ଧକ ହୋଇଥିଲୁ, ତୋତେ ଜୀବନରେ··· ।"

ଭୀତ କଣ୍ଠରେ ଜମୁଆଲୀ କହିଲା—"ସର୍ଦ୍ଦାର ! ମୋତେ ରକ୍ଷା-କର । ମୁଁ ଗରିବ । ଅସହାୟ ।"

ଅସହାୟ ! ସାହାସ ତ ବେଶ । ହାତର ବେଢ଼ି କି··· ।"

ଥରି ଥରି ଜମାଦାର ହଁ ଭରିଲା ।

ବନ୍ଦୀର ହାତକଡ଼ି ଫିଟିଗଲା । ସେ ଖୋଲା ଆକାଶରେ ମୁକ୍ତ-ବିହଙ୍ଗ ପରି ମୁକ୍ତ । ଶତ ସିଂହର ଶକ୍ତି ଚେଇଁ ଉଠିଛି ତା ଛାତିରେ ।

ଚତୁର୍ଥ ଜମୁଆଲୀକୁ ଆକ୍ରମଣ କଲା । ପ୍ରତିରୋଧ କରିବା ନିମନ୍ତେ ତାର ସାହାସ ହେଲା ନାହିଁ ।

ଆର୍ଦ୍ର ସ୍ୱରରେ ବିଦ୍ରୋହୀ କହିଲା—"ଭୟ ନାହିଁ । ତମମାନଙ୍କ ଜୀବନ ନେବା ପାଇଁ ମୁଁ ଚାହେଁ ନା । ନିରାପଦରେ ମୋର ସ୍ୱଦେଶ ଅଭିମୁଖରେ ଯାତ୍ରା କରିବା ପାଇଁ, ତୁମମାନଙ୍କୁ ବାମ୍ଫୀ ଭିତରେ କିଛି ଦିନ ଆଶ୍ରୟ ନେବା ଦରକାର ।"

କହୁ କହୁ ବିଦ୍ରୋହୀ ଚତୁର୍ଥ ଜମୁଆଲୀକୁ ବାମ୍ଫୀ ଭିତରେ ନିକ୍ଷେପ କଲା ।

ସମୟ ଗଡ଼ି ଗଲା । ୪ଟା ବେଳକୁ ବନ୍ଦୀ ସହିତ ଜଗୁଆଳିମାନେ ଫେରିବା କଥା । ୫ଟା ବାଜିଲା ସେମାନେ ଫେରିଲେ ନାହିଁ ।

ବିହାରୀ ସହିତ ଜଗୁଆଳିମାନେ ଯାଇଛନ୍ତି । ଜେଲରବାବୁଙ୍କ ଦେହ ଥର ଛଟିଲା । ସଂପୃକ୍ତ ଅଫିସରମାନେ ପରାମର୍ଶ କଲେ । କମିଶନର ସାହେବଙ୍କୁ ଫୋନ ଯୋଗେ ଜଣାଇ ଦିଆଗଲା ।

ହୁକୁମ୍ ଅନୁଯାୟୀ ହଠାତ୍ ଦଳେ ଆର୍ମ ପୋଲିଶ ସେମାନଙ୍କୁ ଖୋଜିବା ପାଇଁ ବାହାରି ପଡ଼ିଲେ ।

୪ର୍ଥ ସିପାହୀ ଠାରୁ ବିହାରୀ ସମସ୍ତ ପୋଷାକପତ୍ର ଛଡ଼ାଇ ନେଇ ପିନ୍ଧି ଦ୍ରୁତ ଗତିରେ ସମୁଦ୍ର କୂଳ ଆଡ଼କୁ ଅଗେଇ ଗଲା ।

ଷ୍ଟିମର ଆଗରେ ଖଟା ହୋଇଛନ୍ତି । ତିନି ଜଣ ଜଗୁଆଳ । ଦୁଇ ଜଣ ଶୋଇ ରହିଛନ୍ତି । ଅନ୍ୟ ଜଣକ ଝିଙ୍ଗିଟି ଦେଇ ଦେଇ ଢୁଲାଉଛନ୍ତି ।

ସର୍ଦ୍ଦାର ବିହାରୀ ହଠାତ୍ ଲମ୍ଫ ଦେଇ ଷ୍ଟିମରକୁ ସମୁଦ୍ର ବକ୍ଷରେ ଠେଲିଦେବା ପାଇଁ ମୁକୁଳାଇ ଦେଲା । ସମୁଦ୍ର ଢେଉ କାଟି କଟିବାଠ ଷ୍ଟିମର ଅଗ୍ରଗତି କଲା ପରେ ଖୁବ୍ ଅଟ୍ଟେ ଢୁଲାଉଥିବା ଜଗୁଆଳଟିକୁ ବିହାରୀ ଠେଲି ଦେଲା । ପାଣି ଭିତରେ ପଡ଼ି ଚିତ୍କାର କଲାବେଳକୁ ଅନ୍ୟ ଦୁଇଜଣଙ୍କର ନିଦ୍ରା ଭାଙ୍ଗିଗଲା । ସେମାନେ ଦେଖନ୍ତି ତ ଜଗୁଆଳି ପୋଷାକପିନ୍ଧା ଆଉଜଣେ କର୍ମଗୁରୁ ।

ତମେ କିଏ ?

'ମୁଁ ତୁମମାନଙ୍କର ଯମ'' କହୁ କହୁ ସିପାହୀମାନଙ୍କଠୁଁ ଶିଖିଥିବା ଭରା ବନ୍ଧୁକରୁ ଗୁଳି ଚଳାଇଲା । ଷ୍ଟିମର ଜଗୁଆଳୀ ଦୁଇଟି ଢଳି ପଡ଼ିଲେ ।

ଅର୍ଦ୍ଧଜୀବନ୍ତ ଜଗୁଆଳୀ ଦୁହିଙ୍କୁ କଳାପାଣିକୁ ଠେଲି ଦେଉ ଦେଉ ଦୁଃଖରେ କହିବାକୁ ଲାଗିଲା "ନିଃସହାୟ ପ୍ରାଣୀ ଦୁଇଟିଙ୍କୁ ହତ୍ୟା କରିଥିବାରୁ ଭଗବାନ ନିଶ୍ଚୟ ମୋତେ କ୍ଷମା ଦେବେ । କାରଣ ସେମାନଙ୍କ ହତ୍ୟା କରି ନ ଥିଲେ ଷ୍ଟିମର ନେଇ କଳାପାଣି ପାରି ହେବା ମୋ ପକ୍ଷରେ ଅସମ୍ଭବ ।

ଏତିକିବେଳେ ବହ୍ନାସୀ ଦେଖିଲା—କୂଳରୁ ଦଳେ ସଶସ୍ତ୍ରବାହିନୀ ଫୌଜ ତାକୁ ଲକ୍ଷ୍ୟକରି ଗୁଳି ଚଳାଉଛନ୍ତି । ଷ୍ଟିମର ସେତେବେଳକୁ ଅନେକ ବାଟ ଆଗେଇ ଯାଇଥିଲା । ତଥାପି ଆତ୍ମରକ୍ଷା ନିମନ୍ତେ ବହ୍ନାସୀ ଷ୍ଟିମର ଭିତରେ ଶୋଇ ପଡ଼ିଲା ।

ଯାହା ଗୋଟିଏ ଦୁଇଟି ଗୁଳି ତା ପର୍ଯ୍ୟନ୍ତ ଆସିଥିଲା, ତା' ଉପର ଦେଇ ଅତିକ୍ରମ କରିଗଲା ।

ବ୍ୟର୍ଥ ମନୋରଥ ହୋଇ ସଶସ୍ତ୍ର ବାହିନୀ ନିଜର ଫେରିବା ବାଟରେ ଗୁଳିଖିଆ ଜଗୁଆଳୀଙ୍କୁ ବାଙ୍ଗାରୁ ଉଦ୍ଧାର କରି ଫେରି ଆସିଲେ ।

ସ୍ୱଦେଶ ବାହୁଡ଼ା ପଥରେ ଅଗ୍ରଗତି କରୁ କରୁ ବହ୍ନାସୀ ସ୍ୱସ୍ତିର ନିଶ୍ୱାସ ମାରିବାକୁ ଲାଗିଲା ।

ସାରା ରାତି ଷ୍ଟିମର ଗତି କରିବାକୁ ଲାଗିଲା । ବିଷୁବମଣ୍ଡଳୀୟ ଜଳବାୟୁ ପ୍ରଭାବରୁ ଆଣ୍ଡାମାନରେ ଦିନଗୁଡ଼ିକ ଯେପରି ଅସହ୍ୟଭାବରେ ଗରମ; ରାତିଟି ସେହି ଅନୁପାତରେ ଥଣ୍ଡା ।

ପୁନଶ୍ଚ ସମୁଦ୍ରବାୟୁର ଶୀତ ପରଶ ଯୋଗୁ ବହ୍ନାସୀ ଥଣ୍ଡାରେ ଥରିବାକୁ ଲାଗିଲା ।

ଏପରିକି ଇଞ୍ଜିନର ଷ୍ଟିଅରିଙ୍ଗ ହାତରେ ' ଶକ୍ତ ହୋଇ ରହିଗଲା ।

ଅଗ୍ନିନକ ଝଡ଼ ଝଞ୍ଜାରେ ନୀଳ ଜଳ ସହିତ କଳା ଆକାଶ ଆହୁରି ଭୟଙ୍କର ହୋଇ ଉଠିଲା ।

ବହାଗୀ ଜାଣିପାରିଲା ନାହିଁ ଷ୍ଟିମର କେଉଁଆଡ଼େ ଗତି କରୁଛି । ସକାଳ ପହରକୁ ଝଡ଼ର ବେଗ ଥମି ଆସିଲା ।

ପୂର୍ବ ଆକାଶ ଘୃତ ଚିର ଲାଲ ସୂର୍ଯ୍ୟ ହସିବାକୁ ଲାଗିଲେ । ଲାଲ ସୂର୍ଯ୍ୟର ଅବିରମିଶା କିରଣ ନୀଳ ଜଳର ସ୍ତରେ ସ୍ତରେ. ସୃଜିଗଲା ସ୍ୱପ୍ନାଭ ବିଭିନ୍ନ ରଙ୍ଗର ମହୋତ୍ସବ । କ୍ରମେ କ୍ରମେ. ଉପଭୋଗ୍ୟ ସୂର୍ଯ୍ୟ କିରଣ ଉଷ୍ମତାର ପ୍ରତୀକ ହୋଇ ଉଠିଲା ।

ବହାଗୀର ଶରୀର ଗ୍ରହୁଁ ଥିଲା ଉତ୍ତାପ । ଉତ୍ତାପ ଶକ୍ତି ଜାତ କରାଏ । ସେହି ଶକ୍ତି ଅଭାବରୁ ସେ ନିସ୍ତେଜ ହୋଇ ଉଠିଥିଲା । ସୂର୍ଯ୍ୟ କିରଣ ସୃଜିଲା ଉତ୍ତାପ । ଉତ୍ତାପ ବହାଗୀର ଦେହରେ ଜଗାଇଲା ଶକ୍ତି ! ମାନବର ଶକ୍ତି··· ।

କିନ୍ତୁ ଅଜୀବନ୍ତ ଇଞ୍ଜିନର ଦରକାର ଉତ୍ତାପ, ତାର ଶକ୍ତି ଜନ୍ମାଇବା ପାଇଁ ।

କାହିଁ ? ପ୍ରକୃତି ଦତ୍ତ ଉତ୍ତାପ କ'ଣ ସୃଜିପାରେ ଅଜୀବନ୍ତ ଇଞ୍ଜିନ ଦେହରେ ଶକ୍ତି ? ତେଲ କାହିଁ ? କୋଇଲା କାହିଁ ? ଇଞ୍ଜିନ ଚଳିବ କିପରି ? ଚାରିଆଡ଼େ ନେଳିଆ ପାଣି । କଳା ପାଣି । ଦୁନିଆଟା ଦୈପର ଖାଲି ପାଣି ଫାଟି ଯାଇଛି ବୋଲି ବହାଗୀ ଅନୁଭବ କଲା ।

ତେଲ ନାହିଁ । ସମସ୍ତ ଆଶା ଉଦ୍ଦୀପନା ତା'ହେଲେ ତାର ସମୁଦ୍ରର ଅତଳ ଗର୍ଭରେ ସମାଧି ନେବ ?

ସୁଝି ଉତ୍ତାପ ଖାଇ କ'ଣ ସେ ବଞ୍ଚିବ ? ପିଇବ କ'ଣ ?

ଚାରିଆଡ଼େ ପାଣି, ପିଇବାକୁ ପାଣି ନାହିଁ—ମାନେ ?

ସମୁଦ୍ର ପାଣିରେ କ'ଣ ଶୋଷ ମରେ ? ଖାଲି ଲୁଣି । ବାନ୍ତି କରି ପକାଇବ ମଣିଷ ।

ଜନ-ସମାଜକୁ ଏ ଖବର ଗଲେ ବଡଲୋକ ହସିବେ ! ବିଦ୍ରୋହୀ ଖାଇବାକୁ ପିଇବାକୁ ନପାଇ, ଜଳ ସମାଧି ନେଲା ଦସ୍ୟୁ ବିଦ୍ରୋହୀ । ଉକ୍ତାକୃତ ବିଦ୍ରୋହୀକୁ ଉପଯୁକ୍ତ ଶାସ୍ତି ହୋଇଛି । ଇତିହାସକୁ କଳଙ୍କିତ କରିବ... ?

ଏପରି ଭାବରେ ଆତ୍ମାମାନ ଜେଲରୁ ପଳାଇ ଆସି ଥିବେ ସେ ଭୁଲ କରିଛନ୍ତି ?

ଏଲେବା ଦ୍ୱୀପରୁ ବିଶ୍ୱ ଯୋଦ୍ଧା ନେପୋଲିୟନ ଏମିତି ଦିନେ ଜଗୁଆଳୀମାନଙ୍କ ଆଖିରେ ଧୂଳିଦେଇ ଫ୍ରାନସ ପୁନରୁଦ୍ଧାର ପାଇଁ ଚେଷ୍ଟା କରିଥିଲେ ।

ନିଃସହାୟ ବିଶ୍ୱ ବିଦ୍ରୋହୀ ନେପୋଲିୟନ ନିଜର ଶେଷ ଚେଷ୍ଟା କରି କ'ଣ ଦୁନିଆରେ ଅପଘାତ କରିଗଲେ ନା ଇତିହାସରେ ତାଙ୍କର ଶେଷ ଚେଷ୍ଟା ତାଙ୍କୁ ଅଦ୍ଭୁତ ଗୌରବାନ୍ୱିତ କରି ପକାଇଲା ?

ଦୀପ ଶିଖା ନିଶେଷ ହୋଇଯିବା ପୂର୍ବରୁ ବେଶ୍ ଜଳି ଉଠେ । ନେପୋଲିୟନଙ୍କ ଶେଷ ଚେଷ୍ଟା ଶେଷ ଦୀପ ଶିଖା ସଙ୍ଗେ ତୁଳନୀୟ ।

ତାହାହେଲେ ବିଦ୍ରୋହୀ କଳା ପାଣିରୁ ଉଦ୍ଧାର ପାଇଁ ନିଜ ଦେଶରେ ପହଞ୍ଚିବା ପାଇଁ ଯେଉଁ ଚେଷ୍ଟା କରନ୍ତି !!!

ଦେହ ତାର ଶିହରି ଉଠିଲା । ମନର ଦମ୍ଭ ଭାଙ୍ଗିଗଲା । ନିଜକୁ ସେ ଅସହାୟ ମଣିଲା ।

ପୁଣି ଆଶା ନିସହାୟ ପ୍ରାଣରେ ଜାଗିଉଠିଲା । ନିକଟରେ ଯେବେ କୌଣସି ଜାହାଜ ଅତିକ୍ରମ କରୁଥାଏ ନିଶ୍ଚୟ ତାଙ୍କୁ ଉଦ୍ଧାର କରିବ ।

ଅନନ୍ତ ବିସ୍ତାରିତ ଜଳରାଶି ଆଡ଼କୁ ବାରମ୍ବାର ଆଖି ପକାଇଲା । ସବୁଆଡ଼େ ଯେପରି ଶୂନ୍ୟ··· ମହାଶୂନ୍ୟତାର ପ୍ରତିବିମ୍ବ ସ୍ପଷ୍ଟ । କାହିଁ ଜାହାଜ ? କାହିଁ ତାର ମାସ୍ତୁଲ ? ଯେଉଁଠି କି ବିହାରୀର ସମସ୍ତ ଆଶା ଆବେଗ, ଭରସା ଠୁଳ ହୋଇଛି ।

ସମୟ ଆଗେଇ ଚାଲିଲା···ତୃଷା । ଭୟଙ୍କର ତୃଷା । ଭୋକକୁ କିଛି ସମୟ ଏଡ଼େଇ ହେବ···କିନ୍ତୁ ଶୋଷକୁ ? କ୍ରମେ କ୍ରମେ ତୃଷା ଜ୍ୱାଳାରେ ବିହାରୀ ଛଟପଟ ହେବାକୁ ଲାଗିଲା । କଣ୍ଠ ଶୁଖି ଆସିଲା । ଅଞ୍ଜଳରେ ସମୁଦ୍ରର ପାଣିରୁ ପୋଷେ ଆଣି ମୁହଁରେ ଦେଲା । ଭୟଙ୍କର ଭାବରେ ପେଟରୁ କ'ଣ ଉଠି ଆସିଲା···ବାନ୍ତି । ବାନ୍ତି । ସମୁଦ୍ର ପାଣି ସମୁଦ୍ରକୁହିଁ ଫେରିଗଲା ।

ଆଗରେ ଶତ ଶତ ହିଂସ୍ର ଜଳଜନ୍ତୁ—ମଗର, ଶାର୍କ, ଶ···।

ସାରା ଦିନ ଏମିତି ବିତିଗଲା । ପାଣିର ଧକ୍କାରେ ଷ୍ଟିମର ଭାସି ଭାସି ଚାଲିଥାଏ । ତାର କୂଳ କିନାରା କିଛି ନଥିଲା ।

ଚରମ ପ୍ରତିରୋଧ ପରେ ବିହାରୀ କ୍ରମେ କ୍ରମେ ହତାଶ ହୋଇ ଜ୍ଞାନହୀନ ହୋଇ ଷ୍ଟିମରରେ ପଡ଼ିଗଲେ । ତାର ସମସ୍ତ ଚେଷ୍ଟା ଜ୍ଞାନ ହରାଇବା ସଙ୍ଗେ ସଙ୍ଗେ ସବୁଦିନ ପାଇଁ ହଜିଯିବ···? କଳା ପାଣିକୁ ଏଡ଼ିଦେଇ ଦେଶକୁ ଯିବାପାଇଁ ଯେଉଁ ବ୍ୟାକୁଳତା—ସେ ବ୍ୟାକୁଳତା ଭୟଙ୍କର ହୋଇ ଗ୍ରାସକରି ତାର ହାଡ଼ ମାଂସ ସହିତ ତାଙ୍କୁ ଗ୍ରାସ କରିବ ? ଗୋଟିଏ ପାଖରେ କଳାପାଣିର ଭୟାବହ ଗ୍ରାସ ଅନ୍ୟ ଦିଗରେ ଦେଶର ଆହ୍ୱାନ । ଜନ୍ମମାଟିର ଆକର୍ଷଣ ସଂଘର୍ଷ··· ।

ସିନ୍ଧିଆ କମ୍ପାନୀର ଯାତ୍ରୀବାହୀ ଜାହାଜ "ପ୍ରଭାତ" ଆରବ ସାଗର ଅତିକ୍ରମ କରି ବଙ୍ଗୋପ ସାଗରରେ ପ୍ରବେଶ କଲା ।

କର୍ମଚାରୀମାନଙ୍କୁ ମିଶାଇ ୭୦୦ ଯାତ୍ରୀ ବିଭିନ୍ନ ଉଦ୍ଦେଶ୍ୟ ନେଇ ଯାତ୍ରା କରୁଥାଆନ୍ତି ଜାହାଜରେ ।

ଜାହାଜର ମାସ୍ତୁଲ ଉପରେ କାପତାନ ସାହେବ ଦୂରବୀକ୍ଷଣ ଯନ୍ତ୍ରରେ କ'ଣ ପରୀକ୍ଷା କରୁଥିଲେ । ତାଙ୍କ ଆଖି ଆଗକୁ ଦୁଇ ମାଇଲ ଆଗରେ ଗୋଟିଏ ଷ୍ଟିମର ଥଳକୂଳ ନ ପାଇ ସମୁଦ୍ର ତରଙ୍ଗରେ ଭାସି ଚାଲିଛି । ଖୁବ୍ ମନୋନିବେଶ ସହକାରେ ପରୀକ୍ଷା କଲେ । ତେବେ କ'ଣ କେହି ଚାଳକ ନାହିଁ ? ଶହ ଶହ ମାଇଲ ଦୂରରେ ଜନବସତି ସମୁଦ୍ର ଢେଉ ବା ଜୁଆର ଭଟ୍ଟାରେ ଷ୍ଟିମରଟି କ'ଣ କୂଳ ଛୁଇଁଛି ? ଛୁଇଁଥିଲେ ତ ପୁଣି ଫେରି ଯାଇ ଥାଆନ୍ତା କୂଳକୁ ସେହି ଢେଉରେ ।

ନା, ନା, ନିଶ୍ଚୟ କୌଣସି ଚାଳକ ଅଛି । କେତେଜଣ ଯାତ୍ରୀ ବି ଥାଇ ପାରନ୍ତି । ହୁଏତ ଇଞ୍ଜିନ ଖରାପ ହୋଇଯାଇ ବା ତେଲ ସରିଯାଇ ଏମାନଙ୍କୁ ଭୀମ ସମୁଦ୍ର ଭିତରେ ନିରୁପାୟ କରି ବିପଦରେ ପକାଇଛି ।

ଷ୍ଟିମରର ଷ୍ଟିଅରିଙ୍ଗ ଉପରେ ହାତଦେଇ ଥିବା କୌଣସି ଗୋଟିଏ ଲୋକ ଅବଶ ହୋଇ ପଡିଥିବାର କାପତାନ ସାହେବ ଦେଖି ପାରିଲେ । ମୃତ କି ଜୀବିତ ଜାଣି ହେଉନାହିଁ ।

"—ଗୃଟେଷ୍ଟି ଲାଇଫବୋଟ ଡେକ ଉପରୁ ପାଣିକୁ ଖସାଅ । ଆଠଜଣ ନୌକାବାହୀ ଧୀବର ଅତିଶୀଘ୍ର ଷ୍ଟିମର ଆଡ଼େ ଧାବମାନ ହୁଅ ଯଦି କୌଣସି ଯାତ୍ରୀ ଅସହାୟ ଅବସ୍ଥାରେ ପଡ଼ିଥାଏ ଉଦ୍ଧାର କରିଆଣ ।"

ଆଦେଶ ହେବା ମାତ୍ରେ ଆଠଜଣ ନୌକାବାହୀ ଧୀବର ୪ ଟି ଲାଇଫ ବୋଟ ନେଇ ତୀର ବେଗରେ ଷ୍ଟିମରକୁ ଉଦ୍ଧାର କରିବାକୁ ନୀଳ ସମୁଦ୍ର ବକ୍ଷରେ କ୍ଷେପିଗଲେ ।

ଅନତିଦୂରରେ ପ୍ରସିଦ୍ଧ ଗୁଇନ୍ଦା ହୀରାଚାନ୍ଦ ଓ ତାଙ୍କ ବନ୍ଧୁ, ସହାୟକ ମିଷ୍ଟର ସାମୁଏଲ୍ କ'ଣ ଫୁସୁ ଫୁସୁ ହେଉଥିଲେ ।

"କଟକରୁ କଲିକତା, କଲିକତାରୁ ବମ୍ବେ, ପୁଣି ବମ୍ବେରୁ ଜଳ ପଥରେ କଲିକତାକୁ ଫେରି ଯିବାର କୌଣସି ଉଦ୍ଦେଶ୍ୟ ନେଇ ଯାତ୍ରା ହେଉଛି ବୋଲି ମୋର ମନେ ହେଉ ନାହିଁ" ସାମୁଏଲ କହିଲେ ।

ହୀରାଚାନ୍ଦ ଈଷତ୍ ହସି କହିଲେ—"ବନ୍ଧୁ ସାମୁଏଲ । ଏତେ ଦିନ ଗୁଇନ୍ଦାଗିରି କରି ବିଶେଷ କିଛି ଅଭିଜ୍ଞତା ଅର୍ଜନ କରି ପାରିଲ ନାହିଁ । ମୁଁ ବି ପରୀକ୍ଷା କରିବି ବୋଲି ଏ ଯାତ୍ରାରେ କୌଣସି ଉଦ୍ଦେଶ୍ୟ ତମକୁ ଜଣାଇନି । ତେବେ ଶୁଣ—ଆଛ ବହାଘ ଧରାହେବା ପରେ ତୁମେ କ'ଣ ଭାବୁଛ ତାର ସମସ୍ତ ଅନୁଷ୍ଠାନ ଭାଙ୍ଗି ପଡ଼ିଛି ? ଦୀର୍ଘ ୨୦ ବର୍ଷ ଦସ୍ୟୁବୃତ୍ତି କରିବା ଭିତରେ ଜଳ ସ୍ଥଳ ସବୁଆଡେ ତାର ଅନୁଷ୍ଠାନ ମଜଭୁତ କରିଥିଲା ଅପରିମିତ ଧନ ଲୁଣ୍ଠନ କରି ତାର ଦଳକୁ ସଂଗଠିତ କରିଥିଲା । ସେହି ଦଳର ମୂଳୋତ୍ପାଟନ ନ କଲେ—

—ଜାହାଜ ଯିବାର ଉଦ୍ଦେଶ୍ୟ ?

—ଗୋଟିଏ ବଡ଼ କଣ୍ଟ୍ରାକ୍ଟ ଅଛି ।

—କ'ଣ ?

—ସମସ୍ତ ଖର୍ଚ୍ଚ ବାଦ ୫ ହଜାର ଟଙ୍କା ମିଳିବ

—କାହିଁକି ?

—ଗୁନ୍ଦବାଲାର ମେହେର ଗୁନ୍ଦ ୧୦ଲକ୍ଷ ଟଙ୍କାର ମଣି ମୁକ୍ତା ନେଇ ଏ ଜାହାଜରେ ଯାତ୍ରା କରୁଛନ୍ତି । ନିରାପଦରେ ପହଞ୍ଚାଇ ଦେବାପାଇଁ ସେ ମୋର ସାହାଯ୍ୟ ଲୋଡ଼ିଛନ୍ତି ।

—ଅନ୍ୟ ଉପାୟ ଥିଲା ?

—ଉପାୟତ ଅନେକ । କିନ୍ତୁ ତାର ଧନ ସବୁ ନୁହେଁ । ବମ୍ବେରେ ଥିବା ତାର ଭାଇ ଓ ପୁତୁରାମାନଙ୍କୁ ଫାଙ୍କିଦେଇ ମାଲ ନେଇ ସେ ଯାଉଛି ।

—ଭାଇ ପୁତୁରାଙ୍କୁ ଫାଙ୍କିବା ଅର୍ଥ ?

ତାର ବାପା କମିରଗୁନ୍ଦ ଭଲ ପାଉଥିଲା ବେଶୀ ମେହରଗୁନ୍ଦଙ୍କୁ । ରୋଗରେ ପଡ଼ି ଗୁନ୍ଦବାଲାରୁ ଡକାଇ ଆଣି ସମସ୍ତ ହାତ ପାଣ୍ଠି ଯାକୁ ହାତୁଡ଼େଇ ଦେଇଛନ୍ତି । ତା'ଛଡ଼ା ବୁଢ଼ା ସମ୍ପତ୍ତିକୁ ୫ଭାଗ କରି ପ୍ରତ୍ୟେକ ଭାଗରେ ୫ ଲକ୍ଷ କରି ବାଣ୍ଟି ଦେଇଛନ୍ତି ତାର ପୁଅ ଓ ନାତିମାନଙ୍କ ଭିତରେ—ବୁଢ଼ା ମରି ଯାଇଛି । ମେହରଗୁନ୍ଦ ତାର ଅଂଶ ଧନକୁ ଇମ୍ପିରିଆଲ ବ୍ୟାଙ୍କରେ ଜମାରଖି, ହାତପାଣ୍ଠି ନେଇ ଯାତ୍ରା କରୁଛି ।

"ତାର ବିପଦ ?" ସାମୁଏଲ ପଚାରିଲେ ।

ବିପଦ କିଛି ନାହିଁ ଯେ, ତଥାପି ତାର ଭୟ । ସେ ସମସ୍ତ ଧନ ଦୌଲତ ଜାହାଜର ଟ୍ରେଜେରିରେ ସିଲ୍ଡ଼ ବେଗ୍ସରେ ଜମାଦେଇଛି ।

— ତେବେ ତ ସେ ନିରାପଦରେ ଗତି କରୁଛି ।

—ହୀରାଗୃଧ ହସି ଉଠିଲେ ।

—ଏତେଦିନ କାମକରି ଏଇଆ ବୁଝିଲ ?

—ଜାହାଜର ଡାକ୍ତରଙ୍କୁ ତୁମେ ଲକ୍ଷ କରିଛ ?

—ଡାକ୍ତର ! କାହିଁକି ?

ବହାଗ୍ରୀର ପରମ ଦୋସ୍ତ । ବଙ୍ଗଳାର ପ୍ରସିଦ୍ଧ ଡାକୁ ଅଜୀତଚନ୍ଦ୍ର । ତାର ପୁଅ ଭୂମିକାରେ ଅଭିନୟ କରୁଛନ୍ତି ବହାରର ଡାକୁ ଭଲିଲ ।

ଆଉ ସେ ସୁନ୍ଦରୀ ତରୁଣୀଟି ?

ହଁ ତାରି ପାଇଁ ଦାୟୀ ହୁଏ । ସେ ଅଚଳାଚଳ ସମ୍ପତ୍ତିର ମାଲିକ । ଅଜୀତର ଦୂର ସମ୍ପର୍କୀୟ ଝିଅଟି । ଅଜୀତ ଚାହେଁ ଭଲିଲ ତାର ପ୍ରେମରେ ପଡି ତାକୁ ବିବାହ କରୁ । ଆଉ ଭଲିଲ ତାର ସମସ୍ତ ସମ୍ପତ୍ତି ତାଙ୍କ ସଂଗଠନକୁ ଦାନ କରୁ ବା ଅଜୀତ ଚନ୍ଦ୍ର ବ୍ୟକ୍ତିଗତ ଭାବରେ ସମ୍ପତ୍ତିର ମାଲିକ ହେବାରେ ଯୋଗାଡ଼ କରୁଥାଉ ।

ଏହାହାରି ତ ମେହରଗୁନ୍ଦର କିଛି ଆସି ଆସିବ ନାହିଁ ।

—ସେ ସବୁ ପଛ ଭୂମିକା, ବ୍ୟାକଗ୍ରାଉଣ୍ଡ । କିନ୍ତୁ ଏମାନଙ୍କ ଉଦ୍ଦେଶ୍ୟ ବର୍ତ୍ତମାନ କ୍ଷିପର ଏ ଧନ ଦୌଲତକୁ ହସ୍ତଗତ କରିବା ।

—ଅସମ୍ଭବ, ଏକଦାରେ ଅସମ୍ଭବ—ଜାହାଜର ଟ୍ରେଜେରିରେ ଧନ-ଦୌଲତ । ଚାରିଅଡ଼େ ନୀଳସମୁଦ୍ର । ଅସୀମ କ୍ଷେତ୍ରରେ ବିସ୍ତାର ହୋଇ ପଡ଼ିଛି ଜଳରାଶି···ହିଂସ୍ର ଜଳଜନ୍ତୁର ଖାଦ୍ୟ ହେବାପାଇଁ କ'ଣ ଏମାନେ ?

ବଡ଼ ମାୟାବୀ ଡକାଏତ ଏମାନେ । କେତେବେଳେ ସୁବିଧା ପାଇଲେ, କ'ଣ ଯେ କରିବେ ତାର କଳନା ନାହିଁ । ସେଇଥିପାଇଁ ତମେ ଏମାନଙ୍କ ଉପରେ କଡ଼ା ଦୃଷ୍ଟି ରଖିବା ଦରକାର ବୋଲି ମୁଁ ସତର୍କ କରାଇ ଦେଉଛି ।

—ହଁ, ମୋ ସାଙ୍ଗରେ ତୁମର କୌଣସି ସମ୍ପର୍କ ଅଛି ବୋଲି କେହି ଯେପରି ଜାଣି ନପାରେ । କାପ୍ତାନ ଏଣିକି ଆସିବ, ଆଜିର ଅଜାତ୍ ବି ଅପୂର୍ଣ୍ଣ ।

—କାପ୍ତାନ ବି କ'ଣ ?

—ବୁଝିବାକୁ ଚେଷ୍ଟାକର ।

ଚାଲି ଯାଉଥିଲା ସାମୁଏଲ । ପଛରୁ ତାଙ୍କ ସ୍ପାସବୃନ୍ଦ ନିର୍ଦ୍ଦେଶ ସ୍ୱରରେ କହିଲେ

—ହଁ ସାମୁଏଲ ! ମେନେଜରର ଦେବେନକୁ ବି କଡ଼ା ଦୃଷ୍ଟି ରଖିଥିବ ।

ଦେବେନ! ସୁନ୍ଦର ସୁଶ୍ରୀ ଦେବେନ ଓ ପରମା ସୁନ୍ଦରୀ ଉଷା ଗୋଟିଏ ନିର୍ଜନ ସ୍ଥାନରେ କଥା ହେଉଥିଲେ ।

ହଠାତ୍ ସେଠି ଅଜିତ ପ୍ରବେଶ କଲା ଓ ଲାଲ୍ ଲାଲ୍ ଆଖି ଦେଖାଇ ଗର୍ଜିଉଠି କହିଲା—।

ଲଜ୍ଜାଛପି କଥା ଜମଇ ପ୍ରେମ କରିବାକୁ ଚେଷ୍ଟା କରୁଛ ଦେବେନ ? ତମର ଚେଷ୍ଟା ବିଫଳ ହେବ । ବାମନ ହୋଇ ଚନ୍ଦ୍ରକୁ ହାତ ବଢ଼ାଉଛ ନା ? ଜାଣୁ ଜାଣୁ କାହା ସାଙ୍ଗରେ ତମେ ଖେଳୁଛ ?

ଦେବେନ ଉତ୍ତେଜିତ ହୋଇ କହିଲା— ହଁ, ହଁ, ମୁଁ ଜାଣେ । 'ସିଦ୍ଧଶ୍ରୀ କମ୍ପାନୀର ନୂଆ ନିଯୁକ୍ତ ହୋଇଥିବା ଡାକ୍ତର ସାଙ୍ଗରେ । ତାର ମେନେଜରର କଥା ହେଉଛି । ଖେଳ ଖେଳୁଛି ।

"କିନ୍ତୁ ତାର ଠିକ୍ ରୂପଟା ଦେଖି ନାହଁ, ଦେଖିବ ଦିନେ । ଯେଉଁ ଦିନ ତମ ଉଣ୍ଟିକା ଚିପି, ଏଇ ନେଳିଆ ପାଣିକୁ···

ଉଷା ଭୟଭୀତ ସ୍ୱରରେ କହିଲା—ଚେଁ ।" !

—ହଁ, ହଁ, ତୁ ପିଲାଲୋକ । ବୟସ ହୋଇନି ଏଇଯାଏ । ବୁଝିବୁ କେମିତି ? ଚାଲିଲୁଁ ତୋର ଉପଯୁକ୍ତ ······

କହୁ କହୁ ଡାକ୍ତର ଉଷାର ହାତ ଟାଣି ଟାଣି ନେଇ ଚାଲିଗଲା ।

ଦେବେନ ଉପରୁ ପ୍ରାଣରେ ଅନାଇ ରହିଛି ଉଷା ଆଡ଼େ । ଉଷା ନିଜର ଅସହାୟତାର ଇଙ୍ଗିତ ଦେଇ ଲେଉଟୁଥିଲା ଦେବେନର ସାହାଯ୍ୟ ପ୍ରେମ, ପ୍ରୀତି ।

× × ×

ଅଧିକାଂଶ ଯାତ୍ରୀ ଜାହାଜର ଡେକ ଉପରେ ଆସି ରୁଣ୍ଡହୋଇ ଗଲେଣି । ଷ୍ଟିମରରେ କଏ ଅଛି ? ଲାଇଫବୋଟ ଫେରିବାକୁ ସମସ୍ତେ ଉତ୍କଣ୍ଠିତ ଭାବରେ ଅନେଇ ରହିଛନ୍ତି ।

ବିଜୟ ଉଲ୍ଲାସରେ ଫେରିଛନ୍ତି ନୌକାବାହୀ ନାବିକ । ତୀର ବେଗରେ ଫେରୁଛି ନୌକା । ଜାହାଜ ଆଡ଼େ ସମସ୍ତେ ଉଦ୍‌ଗ୍ରୀବ ହୋଇ ଅନେଇଛନ୍ତି ।

ମେନେଜର ଦେବେନ ପଚାରିଲା କାପ୍ତାନ ସାହେବଙ୍କୁ ।

ତେବେ ଭଲ ହସରେ ଫେରିଛନ୍ତି ନାବିକ ମାନେ ।

ଷ୍ଟିମରରେ କୌଣସି ଲୋକ କ'ଣ ନଥିଲେ ? ପଚାରିଲେ କାପ୍ତାନ ସେମାନଙ୍କୁ ।

ହଁ, ଆଜ୍ଞା ସିପାହୀ ପୋଷାକ ପିନ୍ଧି ଗୋଟିଏ ଲୋକ ଅଚେତ ହୋଇ ପଡ଼ିଥିଲା ସାହେବ । ଦେହେ ପାଇନ । ଆମେ ତାକୁ ଗୋଟେଇ ଆଣିଛୁ । ଷ୍ଟିମରଟି ତେଲ ଅଭାବରେ ବନ୍ଦହୋଇ ଯାଇଛି । ଲହରୀ ଧକ୍କା ଖାଇ ଖାଇ ପ୍ରାୟ ଶେଷ ହୋଇ ଆସୁଛି ଷ୍ଟିମରଟି, ପୁରୁଣା ଅନେକ ଦିନର ଷ୍ଟିମର । ନାବିକ ନେତା ଉତ୍ତର ଦେଲା ।

ଲାଇଫ ବୋଟ ଖୁବ୍ ନିକଟକୁ ଜାହାଜର କରକୁ ଲାଗିଗଲା । ଅଚେତା ଲୋକଟିକୁ ଜାହାଜ ଉପରକୁ ଉଠାଇ ଅଣାଗଲା ।

ସମସ୍ତେ ମାଡ଼ିଆସିଲେ ତାକୁ ଦେଖିବାକୁ । ଜନତାହଳରେ ତାର ଚେତନା ଫେରାଇ ଆଣିବାପାଇଁ କୌଣସି ଚେଷ୍ଟା କରି ହେଲାନାହିଁ ।

ଡାକ୍ତରଙ୍କ ଆଦେଶ ମତେ ପାଣ୍ଟୁଏଡ ରୁମରୁ ଲୋକଟିକୁ ଅପସାରିତ କରାଗଲା ।।

ଲୋକ ଗହଳ ଭାଙ୍ଗିଗଲା ସତ। କିନ୍ତୁ ସମସ୍ତଙ୍କ ମନରେ ପ୍ରଶ୍ନ ଏ ଲୋକଟି କିମିତି ଆସିଲା ? ବଞ୍ଚିବ କି ନା ? କେଉଁଠୁ ଆସିଲା ?

କିନ୍ତୁ ହୀରାବୃନ୍ଦଙ୍କ ମନରେ ଗୋଟାଏ ବିରାଟ ପ୍ରଶ୍ନବାଚକ । ସନ୍ଦେହର ଜାଲ···ଏ ଲୋକଟା କିଏ ? ଯାବତ ଜୀବନ ଦ୍ୱୀପାନ୍ତରିତ ଡାକୁ ସର୍ଦ୍ଦାର ବାହାଦୁର ତ ଏ ନୁହେଁ ?

ସମସ୍ତେ ଚାଲିକୁ ଚାଲି ଯାଇଥିଲେ । ହୀରାବୃନ୍ଦ ସାଥୀ ସାମୁଏଲଙ୍କୁ ସଙ୍କେତ ଦ୍ୱାରା ଡାକିଲେ···

—ଦେଖିଲ ?

—ହଁ, ଦେଖିଲି ତ ।

—ଚିହ୍ନି ପାରିଲ ?

—ଚେତାହୀନ ଲୋକଟା ।

ରାମା, ଦାମା ସମସ୍ତେ ତ ସେଇଆ ଦେଖିଲେ । ଇନ୍‌ସ୍‌ପେକ୍ଟରଙ୍କ ଆଖିରେ କିନ୍ତୁ···

ଲୋକଟାକୁ ଆଗରୁ ଦେଖିଲା ଭଳି ମନେ ହେଉଛି ।

ମନେ ହେଉଛି ? ସେ ଯେ ଡାକୁ ସର୍ଦ୍ଦାର ବାହାଦୁର ।

—ଡାକୁ ସର୍ଦ୍ଦାର ବାହାଦୁର ! ସେ ଯେ କଳାପାଣିରେ ବନ୍ଦୀ !

ଆସ୍ତେ ବନ୍ଧୁ···ସେଇ ବାହାଦୁର ଯାହାକୁ କ କୌଶଳ କମେ ୬ ମାସ ତଳେ ଧରି —

ଅଦ୍ଭୁତ ସାହସ, ବିଚକ୍ଷଣ ବୁଦ୍ଧି । କ କାଣ୍ଡ ଭଆଇ ସେ ଆସିଛି କିଏ କହିପାରିବ ? ପୋଷାକ — ସିପାହୀ ପୋଷାକ ସେ ଆଣିଲା କେଉଁଠୁ ? ଏତେବଡ଼ ସମୁଦ୍ର ଡେଇଁ, ପୁଲିସର ଆଖିରେ ଧୂଳି

ଦେଇ, ଶାସନକର୍ତ୍ତାର ଅକଳଗୁଡ଼ୁମ୍ କରି ଦେଉଛନ୍ତି ବିହାରୀ । ଇତିହାସରେ ଯାହା ଜଣା ନ ଥିଲା—କଳିଙ୍ଗ ଦସ୍ୟୁ ବିହାରୀ ଆଜି ତାହାହିଁ କରୁଛନ୍ତି ।

ଭୟଙ୍କର ବିପଦ ।

ବିପଦ ଭିତରେହିଁ ସମ୍ପଦର ଆଶା ଦେଖେ ଗୁଇନ୍ଦା । ସଂଘର୍ଷହୀନ ଜୀବନ ଗୁଇନ୍ଦାର ଜୀବନରେ ଜଡ଼ତା ଆଣେ । ବିହାରୀ ଦେଉଛନ୍ତି । ପଣ କରି ଦେଇଥିବା ମୋତେ ଶେଷ କରିବ ବୋଲି । ଗୋଟାଏ ମସ୍ତବଡ଼ ସଂଘର୍ଷ ଏଡ଼ି ହେବନାହିଁ । ଏଡ଼ିଦେଲେ ରୋମାନ୍ସ କାହିଁ ?

ଆପଣ ତେବେ କ'ଣ କହୁଛନ୍ତି ?

କାଶ୍ମୀରୁ ବନ୍ଧୁ ଅଜିତ, ବିହାରୀ ଦୋସ୍ତ ଜଲିଲଙ୍କ ଭେଟରେ ବହୁ ସରଗରମ ହୋଇ ଉଠିବ ବାୟୁମଣ୍ଡଳ ।

ତେବେ ଉପାୟ ? ସାମୁଏଲ ପଚାରିଲେ···।

କୌଣସି ବୈଜ୍ଞାନିକ ସମାଧାନରେ ପରମୁଲା ନାହିଁ । ସବୁ ନିର୍ଭର କରେ ଆମ ବୁଦ୍ଧିର ଉପରେ·····ନିର୍ଭୁଲ ଅନୁମାନ ଓ କାମ ତତ୍ପରତାହିଁ ଆମର ଉପାୟ ।

କୋଠରୀର ଦ୍ୱାରରେ ବାରମ୍ବାର ଆଘାତ କଲେ ସ୍ୱାବଗୁନ୍ଦ । ଗୁରୁ ଗମ୍ଭୀର ଭାବରେ କପ୍ତାନ କାଗଜପତ୍ରରୁ ମୁହଁ ଉଠାଇ ପଚାରିଲେ, କିଏ ?

—ମୁଁ ଜଣେ ଯାତ୍ରୀ, କାପ୍ତାନ ସାହେବ !

କ'ଣ ଚାହଁ ?

କିଛି ଗୋପନ ପରାମର୍ଶ ମାତ୍ର ।

କାପ୍ତାନ ସାହେବ ଦ୍ୱାରଟି ଖୋଲିଦେଲେ । ସ୍ୱାସଗୁନ୍ଦ ପ୍ରବେଶ କଲେ କୋଠରୀ ଭିତରେ । ମୁହଁରେ ଯେପରି ଅସମାପ୍ତି ପରିତୃପ୍ତିର ଢେଉ ଖେଳି ବୁଲୁଛି— କପ୍ତାନ ସ ହେବ ଲକ୍ଷ୍ୟ କଲେ ।

—କ'ଣ କହିବାର ଅଛି କୁହନ୍ତୁ ।

—ଉଦ୍ଧାର ହୋଇଥିବା ଅଚେ ତ ଲୋକ ବିଷୟରେ...... ।

—ସେ ତ ଚେତା ଫେରି ପାଉଛି । ବେଶ୍ ଆରାମରେ ଶୋଇଛି । ଡାକ୍ତର ଆମର ବେଶ୍ ହିପାଜତରେ ରଖିଛନ୍ତି ତାଙ୍କୁ ।

ନାଁ, ତା'ତ ନିଜ ଆଖିରେ ଦେଖି ଆସିଲି ।

ଆପଣଙ୍କର ସେ କ'ଣ ଚିହ୍ନା ଲୋକ ? ନା ସମ୍ପର୍କୀୟ ।

ହଁ ସମ୍ପର୍କୀୟ ତ ନିଶ୍ଚୟ । ନଚେତ୍ ଏତେ ଉଦ୍‌ବିଗ୍ନ ହୋଇ ଉଠନ୍ତି କାହିଁକି ?

“ମୋଠାରୁ ତେବେ କ’ଣ ଚାହାନ୍ତି ଆଉ ?” ବିରକ୍ତ ସ୍ୱରରେ କାପ୍ତାନ ପଚାରିଲେ···।

—ଆପଣ ହତ୍ୟା କଲେ ଯାତ୍ରୀ ମାନଙ୍କୁ ।

—କାପ୍ତାନ ଚମକି ଉଠିଲେ—କ’ଣ କହିଲେ ?

ସେ ଯେ କଳାପାଣି ଫୌଜର ସର୍ଦ୍ଦାର ବାହାସ୍ତୀ । କଳିଙ୍ଗର ଦସ୍ୟୁ । ତାଙ୍କୁ ୨୦ବରଷ କାଳ ଲାଗି ଲାଗି ସବୁ ପ୍ରଦେଶର ପୁଲିସ ବ୍ୟସ୍ତ ହୋଇ ଉଠିଲେ । ଡିଟେକ୍‌ଟିଭମାନେ ବିଫଳ ମନୋରଥ ହୋଇ ଥିଲେ । ୬ ମାସ ତଳେ ମୁଁ ତାଙ୍କୁ ଧରାଇ ଦେଇ···।

କଳାପୁତ ସର୍ଦ୍ଦାର ବାହାସ୍ତୀ !!! ହଁ, ହଁ ଅନେକ ଥର ଶୁଣିଛି । ଛଳ ଦସ୍ୟୁଙ୍କ ସଙ୍ଗରେ ତାର ବି ଥିଲା ସମ୍ବନ୍ଧ । ଜଳ, ସ୍ଥଳ, ଆକାଶ ସବୁ ଦିଗରେ ଗଢ଼ିଥିଲା ସେ ସଂଗଠନ । କିନ୍ତୁ ମୁଁ ଆପଣଙ୍କୁ ବିଶ୍ୱାସ କରିବି କିମିତି ?

ହସି ହସି ହୀରାଚାନ୍ଦ ନିଜର ଛୋଟ କାର୍ଡଟି କାପ୍ତାନଙ୍କ ହାତକୁ ବଢ଼ାଇ ଦେଲେ ।

ଆପଣ କଳିଙ୍ଗର ଡିଟେକ୍‌ଟିଭ ହୀରାଚାନ୍ଦବାବୁ ! କହୁ କହୁ କାପ୍ତାନ ସାହେବ ହୀରାଚାନ୍ଦଙ୍କୁ କୁଣ୍ଢାଇ ପକାଇଲେ ।

ଆପଣ ଆଜି କଳିଙ୍ଗର ଡିଟେକ୍‌ଟିଭ ନୁହନ୍ତି—ସାରା ଭାରତର ପ୍ରସିଦ୍ଧ ଲୋକ । ଆପଣହିଁ ଦେଶକୁ ଶାନ୍ତିରେ ରଖିବେ । ଦେଶ ଆପଣଙ୍କ ନିକଟରେ ଋଣୀ । ଲୋକେ ଆପଣଙ୍କ ନିକଟରେ କୃତଜ୍ଞ ।

କିନ୍ତୁ ଆପଣଙ୍କର ଏ ଯାତ୍ରାର ଲକ୍ଷ୍ୟ କିଛି ବୁଝି ହେଉନି । ଭୟ ବି ଲାଗେ·· ଯେଉଁଠି ଚୋର ଦସ୍ୟୁଙ୍କର ତାଣ୍ଡବଲୀଳା, ଭୟଙ୍କର

ଖେଳ, ଆପଣଙ୍କର ଆବିର୍ଭାବ ହିଁ କେବଳ ସେଇଟି ସମ୍ଭବ ହୋଇ ପାରେ ।

ବିଶେଷ କିଛି କାମ ସେମିତି ନାହିଁ । ବମ୍ବେରେ କାମ ଥିଲା । ଅନେକ ଦିନୁ କଲିକତା କରି ନଥିଲି । ଇଚ୍ଛାହେଲା···ମାଡ୍ରାସ ହୋଇ ଜାହାଜରେ ଟିକେ ବୁଲିକି ଦେଖିବି ।

ଆଚ୍ଛା, ହୀରାଚାନ୍ଦବାବୁ ! ଦୟାକରି ପୁଣିଥରେ ସାଙ୍ଗ ହୋଇ ଶହ୍ଲୋଠ କରି ଆସିବା ଦରକାର ହେବନି ?

—ସର୍ବନାଶ ମୋର କରିବେ ଆପଣ ?

—ମାନେ ? କାପ୍ତାନ ଅସ୍ଥିର ହୋଇ ଅନେଇଲେ ତାଙ୍କ ଆଡ଼େ ।

—ମୋ ନାମଟା ଆପଣ ପ୍ରକାଶ କରି ଦେଉଛନ୍ତି ଯେ······!

—କ୍ଷମା କରିବେ ! ଛଦ୍ମବେଶୀ ନାମଟା ତାହାହେଲେ··· ।

—ରୂପଚାନ୍ଦ ।

ଆଚ୍ଛା ରୂପଚାନ୍ଦବାବୁ ! ଚାଲନ୍ତୁ ଆପଣଙ୍କ ବନ୍ଧୁଙ୍କ, ଅନ୍ତତଃ ଥରେ ଭଲକରି ଚିହ୍ନି ଆସିବା !

କହୁ କହୁ ହୀରାଚାନ୍ଦଙ୍କ ହାତକୁ ଧରି କାପ୍ତାନ ସାହେବ ଚଟ୍ ବାହାରି ପଡ଼ିଲେ ।

× × ×

ଯେଉଁ କୋଠରୀରେ ବିହାରୀ ଆରାମରେ ବିଶ୍ରାମ କରୁଥିଲା, କାପ୍ତାନ ସାହେବ ଓ ହୀରାଚାନ୍ଦ ସେଠି ଯାଇ ପହଞ୍ଚିଲେ ।

କାପ୍ତାନ ସାହେବ ଆଗ ପ୍ରବେଶ କରି କହିଲେ···ଭଲ ଅଛ ସିପାହୀ !

ହଁ ଆପଣଙ୍କ ଦୟାରୁ··· ।

—ଡାକ୍ତର ସାହେବ··· ।

—ସୁନ୍ଦର ଝାଙ୍କୁର, ଚମତ୍କାର ବ୍ୟବହାର ତାଙ୍କର ।

ଏଭଳି ବେଳକୁ ହୀରାଚାନ୍ଦ ପ୍ରବେଶ କଲେ ସେ କୋଠରୀରେ । ପୂର୍ବରୁ ତାଙ୍କକଥା କବାଟ ଏପଟେ ରହି ଶୁଣୁଥିଲେ ।

ବହାଦୁର ଆଖି ପଡ଼ିଲା ହୀରାଚାନ୍ଦ ଉପରେ । ଦୁଇବନ୍ଧୁ ପରସ୍ପରକୁ ଚିହ୍ନିବାକୁ ବେଶୀ ସମୟ ନେଲେ ନାହିଁ ।

ଅବଶ ଶରୀରରେ ଶତ ସହସ୍ର ବିଜୁଳି ଯେପରି ଖେଳିଗଲା । ମୃଦୁ ହସ, ଗମ୍ଭୀର ଭାବରେ ବହାଦୁର କହୁଛି—ଦୋସ୍ତ ! ତୁମେ ଏଠି ?

ହୀରାଚାନ୍ଦ ମୁରୁକି ହସ କହିଲେ—ବନ୍ଧୁଙ୍କ ବିପତ୍ତିବେଳେ ଅଥଚ ହୋଇ, ବନ୍ଧୁଙ୍କର ପୁରୁଣାସ୍ମୃତି କେଉଁଠି କେମିତି ଅଛି ଖୋଜି ବୁଲିଲି ବେଳେ, ବନ୍ଧୁ ସ୍ୱଶରୀରରେ ଆଗରେ ।

—ତେବେ ବନ୍ଧୁପ୍ରାଣ ତୁମେ ହୀରାଚାନ୍ଦ ।

ଆଜି କଣ ପ୍ରମାଣ ଗୁହାନ୍ତ କାପ୍ତାନ ସାହେବ ସର୍ଦ୍ଦାର ବହାଦୁର ମୋର ସଙ୍ଗରେ ଯେଉଁ ଘନିଷ୍ଠତା, ମୋ ବ୍ୟବହାରେକି କେହି ଜାଣି··· । ପୁଣି ସର୍ଦ୍ଦାର ବ୍ୟବହାରେକି କେହି କେବେ ଏ ନୀଳ ସମୁଦ୍ରର ଦିଗନ୍ତ ବିସ୍ତାରିତ ଲହରୀଙ୍କର ଢେଉ ଭିତରେ ଏ ସୁନ୍ଦର ଖେଳ ଖେଳିପାରେ ? ଏ ସୁନ୍ଦର ଖେଳ ଖେଳିବା ବେଳକୁ ମୋ ଆଖିରେ ଆସୁଛି ପୁଣି ସର୍ଦ୍ଦାର··· । କଣ କହୁଛ ବନ୍ଧୁ ।

ବର୍ତ୍ତମାନ ତୁମକୁ ବନ୍ଦୀ କରାଯିବ । କଲିକତା କିମ୍ବା କଳିଙ୍ଗ ସରକାରଙ୍କ ହାତରେ ତୁମକୁ ସମର୍ପି ପୁଣି ବାହିଆ ସେପାରି ଯେଉଁ ଅସ୍ତ୍ରମାନ ଦ୍ୱୀପକୁ ପଠାଇ ଦିଆଯିବ ।

ଜାଣି ବନ୍ଧୁ, ହୀରାଚାନ୍ଦ ! ପ୍ରତିଜ୍ଞା କରି ଆସିଛି; ମୁଁ ଆଜି ବାହିଆ ପାରି ବର୍ଣ୍ଣଆ, ପାହାଡ଼ିଆ, ମଣିମାଣ୍ଡି, ତାଆଁଶ ନିର୍ଜନ ସ୍ଥାନକୁ ଫେରିବି ନା । ସେଠି ସମସ୍ତେ ଗଢ଼ିବ, ମଲି ମୁକ୍ତିଆ । ମୁଁ ତୁମେ

ବଡ଼ଲୋକର ନାଙ୍ଗ ଗରମ ରକ୍ତ । ଦେଶର ଡାକ । ଦରିଦ୍ରର ସେବା । ମୁଁ ଆଜି ଫେରିବିନି ସେ ରାଇଜକୁ । ଆଜି ତୁମେ ଯେବେ ଏଥର ମୋ ପଥରେ କାଣ୍ଟା ପକାଅ, ଶେଷ କରିଦେବି ତୁମକୁ···ହଁ, ହଁ ଶେଷ କରି-ଦେବି ।"

ସ୍ୱପ୍ନ ଦେଖୁଥିଲା ଆଜି ସର୍ଦ୍ଦାର ! ଯମ ସାଙ୍ଗରେ······।

—ଯମ······ !

—ଦେଖ ଯାଉ ଏ ବାଜିରେ······।

ତମକୁ ଧରିଅ ଦେଇ ମୋ ପାଦରେ ଯିବାକୁ ଦେବ, ସ୍ୱାର ଗୁଳ କହୁଲେ ।

ମୋର ଦାଙ୍କ ମୋ'ର କାନ୍ଧ ଠାରେ ହିଁ ମୁଁ ରହିବି ।

—ଆଚ୍ଛା ଦେଖ । ସାରଚନ୍ଦ୍ର କହୁ ଯେତେ ପଞ୍ଜା ଦେଲକୁ ବହସି ନିଜର ହାତ ଦାଇ ନିଜର ପଞ୍ଜା ସହିତ ମିଶାଇ ଦେଇ କହିଲା—ଦୋସ୍ତ ଏ କରମର୍ଦ୍ଦନ ଭିତରେ ରହିଲା ମୋର ଶପଥ । ପରେ······ ।

ବହୁତ ମସ୍ତୁଆ ପରେ ବଡ଼ କଷ୍ଟରେ ବହାସ୍ତ୍ରୀ ହାତରେ ହାତକଡ଼ି, ଗୋଡ଼ରେ ଗୋଡ଼କଡ଼ି ପିନ୍ଧାଇ ଧରାଯାଇ, ଗୋଟିଏ ନିର୍ଜନ ଛୋଟ କୋଠରୀରେ ବନ୍ଦ କରି ରଖାଗଲା ।

ସର୍ଦ୍ଦାର ପ୍ରଥମେ ନିଜର ବଳବିକ୍ରମ ଦେଖାଇବାକୁ ପଶ୍ଚାତ୍‌ପଦ ହୋଇନଥିଲା, କିନ୍ତୁ ତାର ଚେଷ୍ଟା ଫଳବତୀ ହୋଇ ପାରିଲା ନାହିଁ ।

"କାପ୍ତାନ ସାହେବ ! କଲିକତା କିମ୍ବା ଗୃନ୍ଦବାଲରେ ପହଞ୍ଚିବା ପର୍ଯ୍ୟନ୍ତ ସର୍ଦ୍ଦାରଙ୍କୁ ନଜର ଦେବାକୁ ହେବ । ଯେପରି ହାତରୁ ସେ ଖସି ନ ଯାଏ ।"

"ହାତରୁ ଖସିବ କିମିତି ? ଟୁଙ୍ଗ କୋଠରୀ । ହାତ ଗୋଡ଼ରେ ହାତକଡ଼ି ଗୋଡ଼କଡ଼ି ।"

"ତାର ମାୟା ବଡ଼ ଅଗୋଚର କାପ୍ତାନ ସାହେବ ! ଦ୍ୱିତୀୟରେ ଆପଣଙ୍କ ଡାକ୍ତରଙ୍କୁ ମୋର ସନ୍ଦେହ ।"

"ଅପରାଜିତ ସମସ୍ତଙ୍କୁ ସନ୍ଦେହ କରୁଛ । ବଡ଼ ଅମାୟିକ ଲୋକ ସେ.....।"

"ହଁ, ସେହିଥି ଅମାୟିକତାର ତଳେ ତଳେ ହିଁ ଅନେକ ସମୟରେ ହଳାହଳମୟ ଅଭିସନ୍ଧିର ପ୍ରବଳ ସ୍ରୋତ ବହୁଳ ହୋଇ ଉଠେ ।"

—"ଆପଣଙ୍କ ଟ୍ରେଜେଟରେ ବି ଦୃଷ୍ଟି ପଡ଼ିପାରେ ।"

—"ଅସମ୍ଭବ...।"

"ଅସମ୍ଭବହିଁ ଅନେକ ସମୟରେ ସମ୍ଭବ ହୁଏ, କାପ୍ତାନ ସାହେବ !"

ଏତିକିବେଳକୁ ଆସି ସାମ୍ବାଲ କହିଲେ—"ଜାହାଜସାରା ପ୍ରକାଶ ପାଇଗଲାଣି, ପ୍ରସିଦ୍ଧ ଡିଟେକ୍ଟିଭ ହୀରାବୃନ୍ଦ ଏ ଜାହାଜରେ ଯାଉଛନ୍ତି ।"

"ଷତ କ'ଣ ହେଲା ? ସମସ୍ତଙ୍କ ଆଗରେ ମୋର ପରିଚୟ ତ ସେ ଦେଇଛନ୍ତି"

ବରଂ ସମସ୍ତେ ଆଶ୍ୱସ୍ତ ହେବା ଉଚିତ ଯେ ହୀରାବୃନ୍ଦ ଉପସ୍ଥିତ ଅଛନ୍ତି । ତେଣୁ ଭୟ କରିବାର କିଛି ନାହିଁ ।

ଏତିକିବେଳକୁ ସିଗାରେଟ ଖଣ୍ଡେ ଟାଣି ଟାଣି ଡାକ୍ତର ଆସି ସେଠି ପହଞ୍ଚି ଯାଇ ମୁରୁକି ହସି ହୀରାବୃନ୍ଦଙ୍କୁ ଅଭିବାଦନ କରି କହିଲେ—ଆମର ଭାଗ୍ୟଭଲ । ପ୍ରସିଦ୍ଧ ଗୁଇନ୍ଦା ହୀରାବୃନ୍ଦ ଆମ ସଙ୍ଗେ ସଙ୍ଗେ ଅଛି ଆମକୁ ମହା ବିପଦରୁ ଉଦ୍ଧାର କରିଛନ୍ତି ।

—ଶେଷ ପର୍ଯ୍ୟନ୍ତ ନାମଟା ଭୁଲେଇ ହେଲେ ତ... ।

—ଭାରତ ପ୍ରସିଦ୍ଧ ଆପଣ । ସାମାନ୍ୟ ଏ ଜାହାଜରେ ଆପଣ ଆପଣଙ୍କ ନାମ ଭୁଲେଇ ପାରିବେନି ?

ସିଗାରେଟ ଟିଣରୁ ଖଣ୍ଡେ ଖଣ୍ଡେ ସିଗାରେଟ ବଢ଼ାଇ ଦେଲେ କାପ୍ତାନ ସାହେବ ।

ଡେକ ଉପରେ ଡାକ୍ତର, ହୀରାଚାନ୍ଦ, କାପ୍ତାନ ସାହେବ ନାନା ସମସ୍ୟାର ଆଲୋଚନା କରି ସମୟ କଟାଇବାକୁ ଲାଗିଲେ ।

ସମୁଦ୍ରରେ ଅସ୍ତେ ଅସ୍ତେ ଜାହାଜ ଗୁଳୁଛି ଆଗକୁ । ଜହ୍ନ ଆକାଶରେ ଉଇଁ ସମୁଦ୍ରର ନୋଳିଆ ପାଣିକୁ ସୁନା ରଙ୍ଗ ଲଗାଇ ଦେଲାଣି । ସୁନ୍ଦର ଦୃଶ୍ୟ । ଉପଭୋଗ୍ୟ ରଜନୀ…… ।

× × × ×

ରାତ ନଅଟା ବେଳ । ଏମାନେ ଡାଇନିଂ ରୁମରେ ବସି ଖାଉଛନ୍ତି । —ଜାହାଜରେ ଖୁସୀ ହୋଇଛନ୍ତି । ଖାଉଥିଲୁ ଖୁସୀ କରାଯାଇଛି । କଲଲ ଚିତ୍କାର କରିଆସି ପହଞ୍ଚିଲା ସେଠି । ପଛେ ପଛେ ଆସିଛନ୍ତି ସୁନ୍ଦରୀ ଉଷା…… ।

ସର୍ବନାଶ କାପ୍ତାନ ସାହେବ ! ଦୀର୍ଘନିଶ୍ୱାସ ପକାଇ ହୀରାଚନ୍ଦ୍ର ଉଠିପଡ଼ିଲେ ଖାନା ଟେବୁଲରୁ । ଡାକ୍ତର, କାପ୍ତାନ ଦ୍ରୁତ ଗତିରେ ତାଙ୍କୁ ଅନୁଧାବନ କଲେ । ଇତ୍ୟବସରରେ ସାମୁଏଲ ଆସି ତାଙ୍କ ସାଙ୍ଗରେ ଯୋଗ ଦେଲେ ।

ପରୀକ୍ଷା କରୁ କରୁ ଡାକ୍ତର କହିଲେ—ବଡ଼ କଠିନ ଚୋଟ ଲାଗିଛି କାପ୍ତାନ ସାହେବ ! ବଞ୍ଚିବାର କଷ୍ଟକର । ଯାହାହେଉ, ଶୀଘ୍ର ଫାଷ୍ଟଏଡ଼ ରୁମକୁ ନିଆଯାଉ ।

ସଙ୍ଗେ ସଙ୍ଗେ ତାଙ୍କୁ ସେଠାରୁ ବୋହି ନିଆହେଲା । ଡାକ୍ତର କ୍ଷିପ୍ର ଗତିରେ ଆନୁଷଙ୍ଗିକ ଚିକିତ୍ସା କରିବାରେ ଲାଗି ପଡ଼ିଲେ ।

ହୀରାଚନ୍ଦ୍ର ଅବାକ୍ ହୋଇଗଲେ । ତେବେ ତାଙ୍କ ଅନୁମାନସବୁ ଭୁଲ, ମିଛ ? ଡାକ୍ତର ଏତେ ସାଧୁ ? ସଙ୍ଗେ ସଙ୍ଗେତ ଅଛି···କଲଲ ! ନା, ସେତ ପ୍ରଥମ ଲୋକ ଯେ କି ଖବର ଦେଲା । ପୁଣି ସଙ୍ଗେ ସଙ୍ଗେ ଥିଲା ସରଳା ବାଳିକା ଉଷା ରାଣୀ !

ନ୍ୟାୟର ଅବତାର ଉଷା ! ତା ଜାଣତରେ ଏପରି ଘଟିବାକୁ ସେ କେବେ ଦେବ ନାହିଁ ।

ଏମିତ ଭାବୁଛନ୍ତି । ମେହର ଗୁନ୍ଦ ଆସି କହିଲା—ବାବୁ, ମୋ କଥା··· । ମୋର ସବୁ ଯେ ··· ।

ଏତକ ବେଳକୁ ହୀରାଗୁନ୍ଦଙ୍କ ମୁଣ୍ଡକୁ କଥାଟା ଢୁକିଲା । ଖାଜାଞ୍ଚିର ଆଘାତରେ ସେ ନିଜକୁ ଭୁଲେଇ ରଖିଥିଲେ··· ।

କପ୍ତାନଙ୍କ ହାତକୁ ଟାଣିନେଇ ଟ୍ରେଜେରିରେ ପ୍ରବେଶ କରି ଦେଖିଲେ— ଟ୍ରେଜେରିରୁ ସବୁ ଲୁଟ କରିଛନ୍ତି ଦୁର୍ବୃତ୍ତ । ତାର ଲକ୍ଷ୍ୟ ସେ ସାଧନ କରିଛି ନିର୍ଭୁଲରେ ।

"ଜଙ୍ଗଲ ହେଲ ସାହେବ ! ରକ୍ଷା କରନ୍ତୁ । ତାହାରି ଭିତରେହିଁ ମୋ ଜିନିସ ଅଛି । ଚେଷ୍ଟା କରନ୍ତୁ ସାହେବ, ନହେଲେ ସବୁ ଶେଷ କରିଦେବ ନୃଶଂସ ।"

"ଆପଣ ଧୈର୍ଯ୍ୟ ହରାନ୍ତୁ ନାହିଁ ସେଠଜୀ । ହୀରାଗୁନ୍ଦବାବୁ ଓ ମୁଁ ପ୍ରତି କନ୍ଦ ବିକନ୍ଦ ତନଖି କରି ଆପଣଙ୍କ ଜିନିସ ଉଦ୍ଧାର କରିବୁ । ଆପଣ ଯାଇ ବିଶ୍ରାମ କରନ୍ତୁ । ଆମେ ଦିଲ୍ଲୀର ଜବାବ ଦେଉଛୁ । କଣ କହୁଛନ୍ତି ହୀରାଗୁନ୍ଦବାବୁ ? କପ୍ତାନ ଅନାଇ ରହିଲେ ହୀରାଗୁନ୍ଦ ଆଡ଼େ ।

ମେହେରଗୁନ୍ଦଙ୍କୁ ଗେଷ୍ଟ ରୁମରେ ବିଶ୍ରାମ ନେବାପାଇଁ ପରାମର୍ଶ ଦେଇ, ରୁଦ୍ଧ କୋଠରୀରେ କାପ୍ତାନ, ହୀରାଗୁନ୍ଦ ଓ ସାମୁଏଲ ଜଣେ ମନ୍ତ୍ରଣା କରି ବସିଲେ ।

"ବଡ଼ ବିପଦ ହୀରାଗୁନ୍ଦବାବୁ । ମୋତେ ସାହାଯ୍ୟ କରନ୍ତୁ । ନଚେତ୍ ମୋର ଚାକିରୀ ଗଲା । କମ୍ପାନୀ ପ୍ରତି ଲୋକଙ୍କର ବିଶ୍ୱାସ ତୁଟିଲା । ଯେଉଁ ଟ୍ରେଜେରୀରୁ ହରଣଚାଲ ହୋଇଛି ସବୁକିଛି ଉଦ୍ଧ-ରିଲ । ଯାତ୍ରୀମାନେ ନିରାପଦତା ସକାଶେ ଜମା ଦେଲେ ଆମକୁ ···ଆମେ ଦାୟୀ । ସେମାନଙ୍କୁ ଆଗେଇ ଭରଣା ଦେବାକୁ ହେବ । ରକ୍ଷାକର ମୋତେ । ଭାରତର ଏକମାତ୍ର କମ୍ପାନୀକୁ ବଞ୍ଚାନ୍ତୁ ଆପଣ ।

ମେହରଗୃହକୁ ଧୈର୍ଯ୍ୟ ଦେଇ ଆପଣ ଯେ ଏକାବେଳକେ ପାଗଳ ହୋଇ ଉଠିଛନ୍ତି । ବାସ୍ତବିକ ଘଟଣାଟା ଗୋଟାଏ ଅଦ୍ଭୁତ ଧରଣର ଘଟି ଉଠିଛି । ଡାକ୍ତରଙ୍କୁ ସନ୍ଦେହ ଥିଲା । ସେ ଯେ ଆମ ସାଙ୍ଗେ ସାଙ୍ଗେ ରହିଛି ଦୀର୍ଘ ଛ'ଘଣ୍ଟା । ଯାହା ହେଉ, ଜାହାଜ ଖାନତଲାସ କାମ ଆରମ୍ଭ କରି ଦିଅନ୍ତୁ । ଜାହାଜର ବାହାରକୁ ଯାଇନି ମାଲ୍, ଯିବାର ବି ସମ୍ଭାବନା ନାହିଁ । ଏତେ ବିପଦକୁ ଛାତି ଦେଖାଇ କେହି କ'ଣ କେବେ ମାଲକୁ ସମୁଦ୍ର ଜଳରେ ଭସେଇ ଦେଇ ପାରେ ? ତଲାସ ଆରମ୍ଭ କରନ୍ତୁ, ଟିକିନିଖି ତଲାସ ଚାଲୁ... ।

କାପ୍ତାନ ଆଉ କହି ପାରିଲେ ନାହିଁ ।

ରାତ ରାତ ଜାହାଜରେ ପ୍ରତ୍ୟେକ କନ୍ଦ ବିକନ୍ଦ ତଲାସ କରାଗଲା । ଥରେ ଦୁଇଥର ନୁହେଁ ବହୁବାର । ସମ୍ଭବ ଓ ଅସମ୍ଭବ ସବୁ ସ୍ଥାନ ଓ ସବୁ କୋଠରୀ ତଲାସ କରି କରି କର୍ମଚାରୀ ଓ ଯାତ୍ରୀମାନେ ଅବଶ ହୋଇ ପଡ଼ିଲେ । କିଛି ମିଳିଲା ନାହିଁ ।

ରାତ ପାହି ଆସିଲା । ଘଣ୍ଟା ଠଣ ଠଣ କରି ଛଅଟା ବାଜିଲା । କାପ୍ତାନ ଓ ଯାତ୍ରୀବୃନ୍ଦ ଶତ ଚିନ୍ତାରେ ଚିନ୍ତିତ ହୋଇ ପଡ଼ିଲେ ।

ଏତିକିବେଳେ ପିଅନ ଆସି ଖବର ଦେଲା ମେନେଜରବାବୁଙ୍କର କେଉଁଠି ହେଲେ ଦେଖାମିଳୁନି, ତେଣୁ ସବୁ କାମ ବନ୍ଦ ।

ମେନେଜରବାବୁ ! ଦେବେନବାବୁ ଅଦୃଶ୍ୟ ! ତେବେ... ।

—କିଏ ସେ ?

—ଦେବେନ ! ଆମ ମେନେଜର...... ।

ତମ ମେନେଜର ଅଦୃଶ୍ୟ, ସେହି ତେବେ କ'ଣ... ସାମୁଏଲ ପ୍ରଶ୍ନବାଚକର ସଙ୍କେତ ନେଇ ଅନେଇଲେ ଯାତ୍ରୀବୃନ୍ଦଙ୍କ ଆଡେ ।

ବଡ଼ ଭଲ ପିଲା । ଖୁବ୍ ସାଧୁ । ସେ ଯେ ଆଜି ଏପରି ବିଶ୍ୱାସ-ଘାତକତା କରିବ ବୋଲି ମୋର ଧାରଣା ନ ଥିଲା ।

"ହଁ, ବାହାରେ ସାମୁଦ୍ରା ଓ ଉଣ୍ଡ ଆବରଣ ତଳେ ପ୍ରତାରଣା, ଶଠତା ନଥିଲେ ଉଚ୍ଚାଟନ କର ହୁଏନା କାପ୍ତାନ ସାହେବ !" ସାମୁଏଲ କହିଲେ ।

ହୀରାଚନ୍ଦ ମୂକ । କେତେ କଥା କ'ଣ ଭାବୁ ଭାବୁ ସେ ପଥର ପାଲଟି ଗଲେଣି ।

ଏତିକିବେଳେ ଜଣେ ଖଲାସି ଆସି ଖବର ଦେଲା—ଦୁଇଟି "ପେଟିସେଫର" ଜାହାଜରୁ ଅଦୃଶ୍ୟ ହୋଇ ଯାଇଛି ।

ହୀରାଚନ୍ଦଙ୍କର ନିଦ ଯେମିତି ଭାଙ୍ଗିଗଲା । ସେ ବିସ୍ମିତ ହୋଇ ପଚାରିଲେ—"ପେଟିସେଫର ?"

"ହଁ, ପେଟିସେଫର । ଅଣ୍ଟାରେ ତାକୁ ବାନ୍ଧି ପାଣିରେ ପହଁରନ୍ତି । ରବରରେ ତିଆରି । ହାଓଆ ଦିଆ ହୋଇଥାଏ ବୋଲି ପାଣିରେ ସେ ଭାସେ ⋯ । ଜାହାଜର କୌଣସି ସମୟରେ ବିପଦ ଆସିଲେ ଅଣ୍ଟାରେ ତାକୁ ବାନ୍ଧି ପାଣିରେ ଡେଇଁ ପଡ଼ନ୍ତି । ନୀଳ ସମୁଦ୍ରର ଢେଉରେ ସେମାନେ ଭାସୁଥାନ୍ତି । କୌଣସି ଜାହାଜ ସେ ବାଟରେ ଗଲାବେଳେ ତାଙ୍କୁ ଉଦ୍ଧାର କରନ୍ତି ।"

"ଆପଣ ତେବେ କଣ ଭାବୁଛନ୍ତି ସେ ପେଟିସେଫର ସାହାଯ୍ୟରେ କୌଣସି ଲୋକ ଏ ଅଗାଧ ସମୁଦ୍ର ପାର ହୋଇ ପାରେ, ସାଙ୍ଗରେ ପୁଣି ୧୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମଣିମୁକ୍ତା⋯"

'ଅନ୍ଧ ବାଣ୍ଡ ଖୋଜେ ଯେମିତି⋯।'

ସମସ୍ତେ ଉଠି ପେଟିସେଫର ଷ୍ଟକ ରୁମ୍‌କୁ ଗଲେ । କାପ୍ତାନ ଗୋଟି ଗୋଟି କରି ଗଣିତ କଲେ । ଷ୍ଟକ ଥିଲା ଷୋଅଳ, ଅଛି ଚଉଦଟି ମାତ୍ର ।

ପେଟିସେଫର ଷ୍ଟକ ବିଷୟ ଓ ତାର ବ୍ୟବହାର ବିଷୟରେ କର୍ମଚାରୀମାନଙ୍କୁ ପୁଚ୍ଛିଦେଲେ⋯ମାନେ ଦେବେନର ଅନ୍ତର୍ଦ୍ଧାନ

ସବେ ସଙ୍ଗେ କଥାଟା ବଡ଼ ଗୋଲମାଳିଆ ଲାଗୁଛି—କାପ୍ତାନ କହିଲେ । ସାମୁଏଲ ତାଙ୍କୁ ସମର୍ଥନ କଲେ ।

ହୀରାଚାନ୍ଦ ଗୁମ୍ ହୋଇ କିଛିସମୟ ଭାବି କହିଲେ—"ଅଚ୍ଛା । ସର୍ଦ୍ଦାର ବାହାଘରକୁ ପ୍ରଥମେ ଦେଖିବା କଥା ।"

କାପ୍ତାନ ହସିଉଠି କହିଲେ—"ବଡ଼ ବିଚିତ୍ର ଲୋକ ଆପଣ । ପ୍ରସିଦ୍ଧ ଡିଟେକ୍ଟିଭ ହୀରାଚାନ୍ଦର ବି ଆଜି ମତି ବିଭ୍ରମ···ଯେ ପରି ଲମ୍ବାଚାଡ଼ା ଡେଙ୍ଗା ଜାହାଜ ହାଜତରେ, ହାତରେ ହାତକଡ଼ି ଗୋଡ଼ରେ ଗୋଡ଼କଡ଼ି । ହାଜତ ଘେରି ବନ୍ଦ···ଅସମ୍ଭବ କଥା କହିଲେ ଆପଣ" ।

"ଜେଲଖାନା ତ ବହୁତ ଦୂରରେ ନାହିଁ । ଅନ୍ଧ ପରି ଯେମିତି ବାଞ୍ଛ ଖୋଜେ···ଆପଣ ପ୍ରଥମରୁ କହୁଛନ୍ତି ।"

ସମସ୍ତେ ଅନିଚ୍ଛାସତ୍ତ୍ୱେ ଜାହାଜ ଜେଲଖାନା ଆଡ଼କୁ ପାଦ ପକାଇଲେ । କାପ୍ତାନଙ୍କର ଟିକିଏ ହେଲେ ଇଚ୍ଛା ନଥିଲା ଯିବାକୁ ।

ଜେଲଖାନା ଦ୍ୱାରଦେଶରେ ପହଞ୍ଚି ଦେଖିଲେ ଦ୍ୱାର ଠିକଭାବେ କୋଲପ ପଡ଼ିଛି ।

କାପ୍ତାନ ଉପରୁ ହସି କହିଲେ—"ସାହେବ ! କ'ଣ କହୁଥିଲ ?"
"ଚାବିକାଠି କାହାପାଖରେ ରୁହେ ?"

"—ଚାବିକାଠି ଯେଉଁ ବଦ୍‌ମାସ ମେନେଜରର ପାଖରେ ରହୁଥିଲା ।"

ଜାହାଜରେ ଚାକିରି କରି, ସାଧାରଣଙ୍କର ନିମକ ଖାଇ ଉଚ୍ଚଶିକ୍ଷିତ ହେବେନ ପରି ପିଲା ଯେବେ"···ସାମୁଏଲ କହିଲେ ।

ଡାକ୍ତର ଆସି ଯୋଗଦେଲେ ସେମାନଙ୍କ ସଙ୍ଗରେ । ଦେଖିବାନାର ଏ ଅସଭ୍ୟ ଆଚରଣ ସବାଶେଷ ଗାଳିମନ୍ଦ କରିବାକୁ ଲାଗିଲେ ଡାକ୍ତର ।

କିନ୍ତୁ ସମସ୍ତ ଜାନଙେର ହୀରାଚୁନ୍ଦ ତାଙ୍କ ପଞ୍ଚଇନ୍ଦ୍ରିୟ ସହିତ ଷଷ୍ଠ ଇନ୍ଦ୍ରିୟକୁ ଯୋଗକରି କଣ ଅନୁସନ୍ଧାନ କଲାପରି ଜଣାଯାଉଥିଲେ।

ହଠାତ ଯେମିତି ଗୁପ୍ତଧନର ସନ୍ଧାନ ମିଳିଛି, ସେହି ଉନ୍ମାଦନାରେ ଚିତ୍କାର କରି ଉଠିଲେ "କାପ୍ତାନ ସାହେବ ! ଶୀଘ୍ର ତାଲାଭାଙ୍ଗ"।

ଆଶ୍ଚର୍ଯ୍ୟ ହୋଇ ସମସ୍ତେ ହୀରାଚୁନ୍ଦଙ୍କ ମୁହଁକୁ ଅନାଇ ଥାଆନ୍ତି।

କାପ୍ତାନଙ୍କ ଆଦେଶରେ ତାଲା ଭାଙ୍ଗି ଦିଆଗଲା ।

କ୍ଷିପ୍ରଗତିରେ ସମସ୍ତେ ବନ୍ଦୀଶାଳରେ ପ୍ରବେଶ କଲେ ।

ହାତରେ ଗୋଡରେ ଲମ୍ବାକଣ୍ଟ, ଭୟଂକର ଯନ୍ତ୍ରଣାରେ କଲବଲ ହେଉଛନ୍ତି ଦେବେନ ।

"ଅତି ନିକଟକୁ ଗଲା ପରେ କାପ୍ତାନ ଚିତ୍କାର କରି ଉଠିଲେ, ଦେବେନ ! ତମେ... ତମେ ଏଠି......ତେବେ ବାଘାସି......ଡାକୁ ସର୍ଦ୍ଦାର !!!"

ଦେବେନଂକୁ ବନ୍ଧନରୁ ମୁକ୍ତ କରାଗଲା । ବଡ ଦୁର୍ବଳ ହୋଇ ପଡିଥିଲେ ସେ ।

ଆସୁସ୍ଥ ହେଲା ପରେ ସେ କହିଲେ—ସନ୍ଧ୍ୟାବେଳେ ଖାଦ୍ୟ ଆଣି ଦେଲା ବେଳକୁ ବାଘାସି ଭୟଂକର ଭାବେ ତାଙ୍କ ମୁଣ୍ଡରେ ଆଘାତ କଲା...ତା'ପରେ କ'ଣ ଘଟିଲା ତାଙ୍କର ମନେ ନାହିଁ ।

"—ବଡସାଙ୍ଘାତିକ ଡକାୟତ ସେ" । ଡାକ୍ତର ଟିପଣି ଦେଲେ ।

କିଛି ସମୟ ପରେ ଦେବେନ କ'ଣ ପରୀକ୍ଷା କରି କହିଲେ ମୋ ଟିକେଟ ସେ ତେବେ ନେଇ ଯାଇଛି ।

ହୀରାଗୁନ୍ଦ କାପ୍ତାନଙ୍କ ଆଡକୁ ମୁରୁକି ହସା ଦେଇ କହିଲେ, କୋଠ ସାଙ୍ଗରେ ଗୋଟିଏ ଭୟଙ୍କର ଘଟଣା ସମ୍ପୃକ୍ତ ରହିଥାଇ ପାରେ ।

କାପ୍ତାନ ଯାହେବ ନିଶ୍ୱାସ ମାରି କହିଲେ—ଡାକ୍ତର ସାହେବ, ଖାଙ୍କାଣ୍ଡି କମିଛ ଅଛି ।

ଆଶା ତ ଅଦୌ ନଥିଲା । ଚେଷ୍ଟା କରି ଯାଉଛୁ । କମାଣ୍ଡରତ କ୍ରମାଗତ ଲଗି ରହିଛନ୍ତି ।

ହୀରାଗ୍ରୁନ ଦେବେନଙ୍କୁ ବିଶ୍ରାମ ନେବାକୁ ପରାମର୍ଶ ଦେଇ କାପ୍ତାନ ସାହେବଙ୍କ ସହିତ ଖାଜାଞ୍ଚିଙ୍କୁ ଦେଖିବାକୁ ବାହାରି ଚଲେ ।

ଡାକ୍ତର ଅନ୍ୟତ୍ର କାମ ଅଛି ବୋଲି କହି ଚାଲିଗଲେ ।

—ଡାକ୍ତରଙ୍କ ମନୋଭାବ କଣ କିଛି ବୁଝିଲେ ଆପଣ ?

ହୀରାଗ୍ରୁନଙ୍କ ପ୍ରଶ୍ନର ଉତ୍ତର ଦେଲେ କାପ୍ତାନ—ଡାକ୍ତରଙ୍କ ଉଦ୍ଦେଶ୍ୟ କ'ଣ ଥାଇପାରେ ?

ବର୍ତ୍ତମାନ ଅବସ୍ଥାରେ କୌଣସି ମନ୍ତବ୍ୟ ଦେବା ହିତକର ହେବନି···ଯାହାହେଉ କମାଣ୍ଡର ମୋର ପରାମର୍ଶ ରଖି ଆପ୍ରାଣ ଲଗିଛନ୍ତି ଖାଜାଞ୍ଚିଙ୍କୁ ବଞ୍ଚାଇବା ପାଇଁ । ସେ ବଞ୍ଚି ଗଲେ··· ।

ରୋଗୀ ନିକଟରେ ପହଞ୍ଚିବା ପୂର୍ବରୁ କମାଣ୍ଡର ଦୌଡ଼ିଆସି ଖବର ଦେଲେ—"ଖାଜାଞ୍ଚି ଚେତନା ପାଇଛନ୍ତି କାପ୍ତାନ ସାହେବ ।"

ହୀରାଗ୍ରୁନ ଧନ୍ୟବାଦ ଦେଇ ଦେଇ କମାଣ୍ଡରଙ୍କ କାନ୍ଧରେ ହାତ ପକାଇ ପଶିଗଲେ କୋଠରୀରେ ।

ଖାଜାଞ୍ଚି କ୍ଷୀଣ କଣ୍ଠରେ ଶୁ ଭେଚ୍ଛା ଜଣାଇଲେ ।

କାପ୍ତାନ ସାହେବ ଓ ହୀରାଗ୍ରୁନ ଦୁଇପାର୍ଶ୍ୱରେ ବସି ଖାଜାଞ୍ଚିଙ୍କୁ ସାନ୍ତ୍ୱନା ଦେବାକୁ ଲାଗିଲେ । ସେ ଆଶ୍ୱସ୍ତ ହେଲେ ।

—ଏ ଅବସ୍ଥା କିପରି ହେଲା କିଛି କହିପାରିବେ ଆପଣ ?

—କିଛି ମନେ ନାହିଁ । କିଏ କଲା କହିପାରିବି ନାହିଁ । ବସି-ରହି ଖଣ୍ଡେ ଉପନ୍ୟାସ ପଢୁଥିଲି···ଦେଖିଲି ଦେବେନ ଅସୁସ୍ଥ । ତେଣୁ ତାଙ୍କୁ ନଜର ନଦେଇ ବହିଟି ପଢିବାକୁ ଲାଗିଛି, ହଠାତ୍

ମୋ ମୁଣ୍ଡରେ କିଏ ଭନ୍ଦ୍ରଙ୍କର ଭାବରେ ଆଘାତ କଲା···ଥରେ ନୁହେ ଦୁଇ, ତିନି ଥର । ତାପରେ କିଛି ମନେ ନାହିଁ ।

ଦେବେନକୁ ଭଲ କରି ଦେଖିଛ ?

ଖାଜାଞ୍ଚି କଣ ଭାବିବାକୁ ଲାଗିଲେ । କିଛି ସମୟ ପରେ କହିଲେ —ନା ଦେବେନକୁ ଭଲ କରି ଦେଖିନି, ତା କୋଠରୀକୁ ଦୂରରୁ ଦେଖି ଭାବିଲି ଦେବେନ ଆସୁଛି ।

—ବୁଝିଲେ କାପ୍ତାନ ସାହେବ ! ସବୁ ମୂଳରେ ସର୍ଦ୍ଦାର ବିହାରୀ···ବିହାରୀହିଁ ଦେବେନକୁ ଆକ୍ରମଣ କରି ହାତକଡ଼ା ଗୋଡ଼ କଡ଼ା ପକାଇ, ଜେଲରେ ତାକୁ ଠୁଙ୍କି, ତାର କୋଠରୀକୁ ପିନ୍ଧି ଖଜାଞ୍ଚିଙ୍କୁ ଅଚେତ କରାଇ ଟ୍ରେଜେରୀ ଲୁଟ କରିଛି ।

—ବିହାରୀ ଯେ ବନ୍ଦୀ ଥିଲା ।

ସେ କଥା ପରେ ଜାଣିବେ । ବର୍ତ୍ତମାନ ବିହାରୀ ଜାହାଜ ଛାଡ଼ି ଯାଇନି ।

—ବେଶ ଭାବରେ ତଲାସି କରନ୍ତୁ; ବିହାରୀ ସହିତ ମାଲ ନିଶ୍ଚୟ ଉଦ୍ଧାର ହେବ ।

ସାରା ଜାହାଜରେ ଆତଙ୍କବାଦର ଶିହରଣ ଖେଳିଗଲା । ବିହାରୀ ହାତକଡ଼ା, ଗୋଡ଼କଡ଼ା ପିନ୍ଧି ଜେଲ ଭିତରେ ରହି ଯେବେ ଏପରି ଲୋମହର୍ଷଣ କାଣ୍ଡ ଭିଆଇ ପାରେ, ମୁକ୍ତ ଭାବରେ ଜାହାଜରେ ଆତ୍ମଗୋପନ କରି ଯେବେ ରହିଥାଏ, ତେବେ କିଏ ବା ନିର୍ଦ୍ଦିନ୍ତରେ ରହି ପାରେ ?

"ସେପରି, ସେଚିଏସପରି ସାହାଯ୍ୟରେ ଯେବେ ସମୁଦ୍ରକୁ ଡେଇଁ ପଡ଼ିଥାଏ"—ସାମୁଏଲ କହିଲା ।

"—ତା ପକ୍ଷରେ କିଛି ଅସମ୍ଭବ ନୁହେ । କାଳପାଣି ପାରି ହେବାକୁ ସେ ସକ୍ଷ ହୋଇଛି···ମାଛ ପରି ସେ ପାଣିରେ ଦିନ ଦିନ

ଥିବ ପହିଁର ପାରେ···ମଗର କୁମ୍ଭୀର ଜଳଜନ୍ତୁଙ୍କୁ ଯେ ଖାଇବାର ନଙ୍କରେ ଭାପଷରେ ସମୁଦ୍ରକୁ ସେପରି ସହିତ ଡେଇଁ ପଡ଼ିବା କିଛି ଅସମ୍ଭବ ନୁହେଁ । କିନ୍ତୁ ତାର ସେଇଟି ହେଉଛି ଶେଷ ଚେଷ୍ଟା ।”

“ମୋର କିନ୍ତୁ ମନେହୁଏ ଏତେଗୁଡ଼ାଏ ଓଜନିଆ ଧନରତ୍ନ ନେଇ ସମୁଦ୍ର ଗର୍ଭକୁ ସେ ଡେଇଁ ନାହିଁ । ଅନେକ ଦିନ ହେଲା ଖାଇବା ପିଇବା ପାଇଁ ସେ ବଡ଼ ହରକତ ହେଉଛି···ପୁଣି ବିପଦକୁ ଡେଇଁ ଭୋକ ଉପାସରେ ଲଢ଼ିବାକୁ ତାକୁ ଭଲ ଲଗେନା । ସମ୍ପୂର୍ଣ୍ଣ ସଂଗ୍ରାମ ···ବୀରତ୍ୱର ସହିତ ସେ ବଞ୍ଚିବାକୁ ଚେଷ୍ଟା କରେ” ସ୍ୱାମୀବୃଦ୍ଧ କହିଲେ ।

“—ଆପଣ ନିଶ୍ଚିତ ଯେ ସେ ଏବେ ବି ଜାହାଜରେ ଅଛି ।”

“—ତାହାହିଁ ମୁଁ ଅନୁମାନ କରୁଛି”

ଏକ ସପ୍ତାହ ବିତି ଗଲାଣି । ସମସ୍ତ ଚେଷ୍ଟା ବ୍ୟର୍ଥ ହୋଇଛି । ତନ୍ନ ତନ୍ନ କରି କନ୍ଦ ବିକନ୍ଦ ଖାନତଲାସ କରାଯାଇଛି । ଫଳ କିଛି ନାହିଁ ।

ମଣିପେଟି ରହିବ କେଉଁଠି ? ଜଣାଗ ପୁଲାଏ ହୋଇଛି ଯେ ଟଙ୍କାଅ ତଳେ, ବିଛଣା ଭିତରେ ଲୁଙ୍ଗି ରଖି ହେବ ସର୍ଦ୍ଦାର ବାହାଦୁର ଠିକେ କି ରହିବାର ସ୍ଥାନ ଏତେ ଗୋପନୀୟ ।

କାପ୍ତାନ ସାହେବ ପୁରସ୍କାର ଘୋଷଣା କଲେ । ଯେ କେହି ଲୋକ ବାହାରୀକୁ ଗିରଫ କରାଇ ଦେଲେ କମ୍ପାନୀ ତରଫରୁ ୫ହଜାର ଟଙ୍କା ପୁରସ୍କାର ପାଇବ ।

ଲୋକେ ହୀରାଚାନ୍ଦଙ୍କ କଥାରୁ ବିଶ୍ୱାସ ହରାଇଲେଣି । ତଥାପି ହୀରାଚାନ୍ଦଙ୍କ ବିଶ୍ୱାସ, ବାହାରୀ ଜାହାଜରେ ଅଛି ।

କଲିକତା ନିକଟ ହୋଇ ଆସିଲାଣି । ଜାହାଜ କୂଳଠାରୁ ପନ୍ଦର, କୋଡ଼ିଏ ମାଇଲ ଦୂରରେ ।

ସକାଳୁ ହୀରାଚାନ୍ଦ ଉଠି ଦେଖନ୍ତି ତାଙ୍କ କୋଠରୀର ସାମନାରେ ତାଙ୍କୁ ସାବଧାନ କରାଯାଇ ଲେଖା ହୋଇଛି ।

"ସାବଧାନ ହୀରାଚାନ୍ଦ ! ନାଗସାପ ଲାଞ୍ଜରେ ଥରେ ହାତ ମାରି ନାଗପଦରେ ଖସି ଯାଇଛୁ ବୋଲି ଏଥର ଭାବୁଛୁ ଖସିଯିବୁ ? ଏ ବୃଥା ଚେଷ୍ଟା । ଯ ହାହେଉ କାଲି ସକାଳୁ ଏ ନୋଟିସ ପଢ଼ିବା ପରେ ପରେ ତନ୍ନ ତନ୍ନ କରି ଜାହାଜଟାକୁ ଓଲଟ ପାଲଟ କରି ଖୋଜିବା ପୂର୍ବରୁ ମୁଁ ଜାହାଜ ଛାଡ଼ିଥିବି । ପୁଣି କଲିକତାର ତୋର ଶୟନ କକ୍ଷରେ ମୋର ସାକ୍ଷାତ ।"

ଇତି
ସର୍ଦ୍ଦାର ବାହାଦୁର

ହୀରାଚାନ୍ଦ ସତର୍କ ବାଣୀଟିକୁ ଚିରି ଆଣି ନିଜ ପକେଟରେ ରଖୁଥିଲା ବେଳେ ପଛଆଡୁ ସାମୁଏଲ ଆସି ଛିଡ଼ା ହୋଇଗଲେ ।

ସେ ସ୍ମିତ ହସି କାଗଜଟି ବଢ଼ାଇ ଦେଲେ ।

ସାମୁଏଲ ଅବାକ ହୋଇ କହିଲେ—ଆପଣଙ୍କ ଗଣନାହିଁ ଠିକ୍ ଥିଲା ।

କାପ୍ତାନ ସାହେବ ଆସି ମିଳିଲେ ସେମାନଙ୍କ ସଙ୍ଗରେ ।

ହୀରାଚାନ୍ଦ ଚୁପ୍ ଚୁପ୍ ସବୁକଥା କହି କଥାଟାକୁ ପ୍ରଘଟ ନ କରିବାକୁ କହିଲେ ।

ଏତିକି ବେଳକୁ ଡାକ୍ତର ଆସି ସେମାନଙ୍କ ସଂଗରେ ଯୋଗ-ଦେଲେ ।

"କଣ ହୀରାଚାନ୍ଦ ବାବୁ ! ସର୍ଦ୍ଦାର ବାହାଦୁରଙ୍କୁ ଜାହାଜରେ ଧରିଲେ ।" ଡାକ୍ତର ପଚାରିଲେ ।

—ହଁ, ଧରିବାକୁ ତ ଚେଷ୍ଟା କରାଯାଉଛି ।

—ସେ କ'ଣ ଆଉ ଜାହାଜରେ ଅଛି ?

—ଆଉ କେଉଁଠିକୁ ଗଲା ?

—ନା, ଜାହାଜରେ ସେ ଆଉ ନାହିଁ ।

—ଯେବେ ଥାଏ ?

—ଏକ ହଜାର ଟଙ୍କା ବାଜି ରହିଲା ମୋର ।

—ମୁଁ ବି ଏକହଜାର ଟଙ୍କା ଦେବାକୁ ରାଜି ହେଲି ।

କାପ୍ତାନ ସାହେବ ହୀରାଗୁନ୍ଦଙ୍କୁ ବାଧାଦେଇ କହିଲେ—ଆଖି ଆଗରେ ସବୁ ଦେଖି ଆପଣ ବି······ ।

ଆଖି ମାରି ସବୁ କଥା ଗୋପନ ରଖିବାକୁ କାପ୍ତାନ ସାହେବଙ୍କୁ ଇଙ୍ଗିତ ଦେଲେ ।

ଡାକ୍ତର ନିଜ କାମରେ ବାହାରି ପଡ଼ିଲେ ।

ଜାହାଜ କୂଳ ନିକଟକୁ ନିକଟତର ହୋଇ ଆସିଲାଣି । ବାକି ୮-୧୦ ମାଇଲ ।

ସାମୁଏଲଙ୍କୁ ହୀରାଗୁନ୍ଦ ପରାମର୍ଶ ଦେଲେ ଡାକ୍ତର ଅଜିତ ଓ ତାଙ୍କ ପୁଅ ଭୂମିକାରେ ଅଭିନୟ କରୁଥିବା ଜଲିଲର ଗତିବିଧିକୁ ଖୁବ୍ ସାବଧାନତା ସହିତ ଲକ୍ଷ୍ୟ କରିବା ପାଇଁ ।

ଏତିକିବେଳେ ବିପଦର ଘଣ୍ଟି ବାଜି ଉଠିଲା । ଜାହାଜର ସମସ୍ତ ଯାତ୍ରୀ ପ୍ରାଣ ବିକଳରେ ଚିତ୍କାର କରି ଉଠିଲେ । କିନ୍ତୁ କାରଣ କେହି ନିରୂପଣ କରିବା ପୂର୍ବରୁ ଖାଲି ଚିତ୍କାର କରୁଥାଆନ୍ତି, "ଭଗବାନ ରକ୍ଷାକର ।"

ଦେବକ ଆସି ହୀରାଗୁନ୍ଦଙ୍କୁ ଖବର ଦେଲା । ଡାକ୍ତର ବି ଆସି ପହଞ୍ଚିଗଲେ ।

ଡାକ୍ତର—"ସର୍ବନାଶ । ଗୋଟିଏ ବଡ଼ ଜାହାଜ ଭୟଙ୍କର ଗତିରେ ଆସୁଛି । ବ୍ୟବଧାନ ମାତ୍ର ଦୁଇମାଇଲ । ନିଶ୍ଚୟ ଆମ ଜାହାଜ ସହିତ ସଂଘର୍ଷ ହୋଇଯିବ । ଦେଖନ୍ତୁ ଆପଣ, ଚାଲନ୍ତୁ ଆପଣ··· । ଡାକ୍ତର ବ୍ୟାକୁଳ ମିଶା ସ୍ୱରରେ କହିଲେ ।

—ଆସନ୍ତୁ, କାପ୍ତାନଙ୍କୁ କୁହ, ୱାରଲେସ କରି ଜଣାଇ ଦିଅନ୍ତୁ ।

ସମସ୍ତେ ବ୍ୟଗ୍ର ଭାବରେ କାପ୍ତାନ ନିକଟକୁ ଧାଇଁଗଲା ବେଳକୁ ସେ ୱାରଲେସ କରୁଥିବାର ଦେଖାଗଲା ।

କିନ୍ତୁ ଜାହାଜ ଯାକ ହୈ ଚୈ ପଡ଼ି ଯାଇଛି ।

ଡାକ୍ତର ଏହା ଭିତରେ ଖସି ଯାଇଛନ୍ତି ସେଠୁ । ତାର ଧାରଣା ନିଶ୍ଚୟ ସଂଘର୍ଷ ହେବ । ତାଙ୍କ ଜାହାଜଟି ସମୁଦ୍ରରେ ନଷ୍ଟ ହୋଇଯିବ । ଏହି ଧାରଣାର ବଶବର୍ତ୍ତୀ ହୋଇ ନିଜର କେତେକ ଜିନିଷପତ୍ର, ଟଙ୍କା ଓ ଗହଣାକୁ ନେଇ ଲଣ୍ଡଭଣ୍ଡ ହୋଇ ବାହାରି ପଡ଼ିଛି ନିଜ କୋଠରୀରୁ ।

ଏମିତି ଘଡ଼ସନ୍ଧି ବେଳେ ହୀରାଚାନ୍ଦ ଡାକ୍ତରଙ୍କୁ ସେଠି ନ ଦେଖି ତରବରରେ ଆସି ଡାକ୍ତରଙ୍କ ଘରେ ପଶିଲା ବେଳକୁ ଦେଖିଲେ, ସାମୁଏଲ ନାହିଁ । ସେ ଘରଭିତରକୁ ପଶିଯାଇ ଦେଖିଲେ ଜିନିଷ-ପତ୍ର ସହ ସେମାନେ ବାହାରି ଯାଇଛନ୍ତି । କେବଳ ଗୋଟିଏ ମସ୍ତବଡ଼ ଟ୍ରଙ୍କ ଥୁଆ ହୋଇଛି...... ।

ସ୍ଥିର ହୋଇ ନପାରି ହୀରାଚାନ୍ଦ ବିକଳ ଭାବରେ କହିବାକୁ ଲାଗିଲେ, "ହେ ଭଗବାନ ! କୁଆଡ଼େ ଗଲ । ଅନ୍ଧାର ମାଡ଼ି ଆସିଲାଣି । ଏ ଜାହାଜ କେଉଁଠି ଥିଲ, ଆସି ଏ ଜାହାଜକୁ ଶେଷ କରିଦେବ । ଜାହାଜଟି ଜଳମଗ୍ନ ହେବ । କାହିଁ ଗଲ ଡାକ୍ତର । କ'ଣ କରିବା, ହେ ଭଗବାନ !

ବାହାରୁ ହରିବୋଲ, ହୁଳହୁଳି, ଆଲ୍ଲା ହୋ ଆକବର ଧ୍ୱନିରେ ଜାହାଜଟି କମ୍ପି ଉଠିଥିଲା । ସମସ୍ତେ ନିଜନିଜ ଚେଷ୍ଟାରେ ବୁଲିଗଲେ ।

ମୋ ପଦାର୍ଥ ଗୁଡ଼ିକ.....“ମୁଁ କ'ଣ କରିବି ? ମୋତେ କିଏ ସାହାଯ୍ୟ କରିବ... ।”

ହଠାତ୍ ଟ୍ରଙ୍କ ଭିତରୁ କିଏ ଚିଡ଼ା ଗଳାରେ ଡାକିଲା—“ଡାକ୍ତର-ବାବୁ ! ଶୀଘ୍ର ଟ୍ରଙ୍କ ଖୋଲ । ମୁଁ ସମୁଦ୍ରକୁ ଡେଇଁପଡ଼ି କୂଳରେ ଲାଗିବି । ତମେ ପଳେଇବ । ଆଉ ମୁଁ ବନ୍ଦୀ ଟ୍ରଙ୍କ ସହିତ ବୁଡ଼ି ମରିବି !”

ଟ୍ରଙ୍କ ଭିତରୁ ଶବ୍ଦ ଶୁଣି ହୀରାଚାନ୍ଦ ଆନନ୍ଦରେ ଉଲ୍ଲସିତ ହୋଇ ଠିଲେ । ତାଙ୍କ ଅନୁମାନ ଠିକ୍ ହୋଇଛି । ମିଷ୍ଟର ସର୍ଦ୍ଦାର ବିହାରୀ

ଆତ୍ମଗୋପନ କରିଛନ୍ତି ଟ୍ରଙ୍କରେ । କୁଆଗ୍ରେର ଡାକ୍ତର ତାଙ୍କୁ ଜଳସମାଧି ଦେଇ ହୀରାଗୁଲା ରତ୍ନପେଟିକ ଆତ୍ମସାତ୍ କରିବାର ଚେଷ୍ଟା କରୁଛନ୍ତି ।

ସେ ପରୀକ୍ଷା କରି ଦେଖିଲେ ଟ୍ରଙ୍କ ତଳଭାଗରେ ଚାରିଟା ବଡ଼ ବଡ଼ କଣା ଅଛି । ସେ କଣାରୁ ଚାରିଟି ବଡ଼ ବଡ଼ ଭାରତୀୟ ରବରର ଏକଇଞ୍ଚିଆ ଟିଉବ ସଂଯୋଗ କରାଯାଇ ବାହାଗୀକୁ ବଞ୍ଚାଇବା ପାଇଁ ଅକ୍ସିଜେନର ଯୋଗାଣ ବ୍ୟବସ୍ଥା କରାଯାଇଛି ।

କିନ୍ତୁ ଟ୍ରଙ୍କଟିରେ ମସ୍ତବଡ଼ ଭୁଲ ପଡ଼ିଛି । ତାଲା ଭାଙ୍ଗି ଦେବା ସାଙ୍ଗେ ସାଙ୍ଗେ ବାହାଗୀ ଟ୍ରଙ୍କର ଉପର ଆବରଣଟି ପକାଇ ଦେଇ ଭୟଙ୍କର ଭାବରେ ହିଂସ୍ର ବ୍ୟାଘ୍ର ପରି ଠିଆ ହୋଇଗଲା ।

ତା ଆଗରେ ଦୁଇ ହାତରେ ଦୁଇଟି ଗୁଳିଭରା ପିସ୍ତଲ ନେଇ ହୀରାଚୁନ୍ଦ ଠିଆ ହୋଇଛନ୍ତି । "ହାତ ଉପରକୁ ଉଠାଅ ବାହାଗୀ । ଟିକିଏ ହଲଚଲ୍ ହେଲେ ମୁଣ୍ଡ ଛଡ଼ୁ ଫଟାଇ ଦେବି ।"

—ଟିକିଏ ଦବିଯାଇ ବାହାଗୀ କହିଲା—ଏଠିବି ତମେ ହୀରାଚୁନ୍ଦ ?

—ଏତେ ମଧୁର ସମ୍ପର୍କରେ ମୁଁ କ'ଣ ଛାଡ଼ି ରହି ପାରୁଛି ସର୍ଦ୍ଦାର ? ଆତ୍ମସମର୍ପଣ କର ସର୍ଦ୍ଦାର ! ସମୁଦ୍ରରେ ଲୁଣିପାଣିରେ ବୁଡ଼ି ମରିବା ଅପେକ୍ଷା ଆଣ୍ଡାମାନ ଦ୍ୱୀପରେ ବନ୍ଦୀ ହୋଇ ରହିବା କଣ ଶ୍ରେୟସ୍କର ନୁହେଁ ସର୍ଦ୍ଦାର ?

—ହୀରାଚୁନ୍ଦ ! ତୋର କହିବାର ଉଦ୍ଦେଶ୍ୟ, ପୁନରାୟ ମୋତେ ଗିରଫ୍ କରି ପୁଣି ସେଠାକୁ ପଠାଇ ଦେବୁ—ନୁହେଁ ? କିନ୍ତୁ ଜାଣିରଖ, ମଲେ ମରିବ ପଛେ ମୋ ପ୍ରତିଜ୍ଞା ମୁଁ ନିଶ୍ଚୟ ପୂରଣ କରିବି । ସ୍ୱଦେଶରେ କିମ୍ବା ତୋ ସଙ୍ଗରେ କୁସ୍ତି କରି ଏଇଠି ଢଳି ପଡ଼ିବି । ଆଉ ସେଠି ନୁହେଁ । ଆଉ ଯଦି ମୋତେ ଆକ୍ରମଣ କରୁ, ମୋର

ବହୁଦିନର ଆଶା ପୂରଣ ହେବ । ତୋ ସହିତ ସେପୁରକୁ ଯିବି, ଏକା ନୁହେଁ । କହି ହୀରାଚୁନ୍ଦ ଉପରକୁ କୁଦା ମାରିବା ବେଳକୁ···।

ବ୍ଲାଙ୍କ ଫାୟାର କରି ହୀରାଚୁନ୍ଦ ବହାସ୍ତିଙ୍କୁ ସତର୍କ କରାଇ ଦେଲେ।

ଆଦେଶ ସ୍ୱରରେ ହୀରାଚୁନ୍ଦ କହିଲେ—ଆଉ ପାହୁଣ୍ଡେ ମାତ୍ର ଅଗ୍ରସର ହେଲେ ତୋତେ ଶେଷ କରିଦେବି । ସାବଧାନ, ଦୁଇ ହାତ ଉପରକୁ ଟେକି ଆତ୍ମସମର୍ପଣ କର ।

ଏହା କହି ଲେଡ଼େଉ ପିସ୍ତଲକୁ ତା ଛାତିକୁ ଲକ୍ଷ କରି ଅଗ୍ରସର ହେଲା ବେଳକୁ······।

ହଠାତ୍ ଜାହାଜର ବିଜୁଳି ଆଲୁଅ ସବୁ ଲିଭିଗଲା । ସବୁଆଡ଼େ ଅନ୍ଧକାର ।

ହୀରାଚୁନ୍ଦ ନିରାପଦରେ ବହାସ୍ତିଙ୍କୁ ଅଟକାଇ ଦେବାପାଇଁ ଦ୍ରୁତ ଗତିରେ ଦ୍ୱାର ଦେଶରେ ଯାଇଁ ତାକୁ ଅବରୋଧ କଲେ ।

ଜାହାଜଟି ଭୟଙ୍କର ଭାବରେ ଆପାଦ ମସ୍ତକ ଦୋହଲି ଗଲା। ସେଥିରେ ହୀରାଚୁନ୍ଦ ବି ଗଛ କଟୁଡ଼ି ହେଲାପରି ପଡ଼ିଗଲେ ।

ଏହି ସୁବିଧା ନେଇ ବହାସ୍ତି ତାଙ୍କ ଛାତି ଉପରେ ଆଘାତ ଦେଇ ଦୌଡ଼ି ଚାଲିଗଲା ।

ହୀରାଚୁନ୍ଦ ଚିତ୍କାର କରି ଉଠିଲେ—ବହାସ୍ତି ! ବହାସ୍ତିକୁ ଧର ଧର ।

ଉଠିପଡ଼ି ସେ ଅନ୍ଧାରରେ ବି ସ୍ୱାମୀଚନ୍ଦ ଦ୍ରୁତ ଗତିରେ ତାଙ୍କୁ ଅନୁଧାବନ କଲେ । ହାତରେ ପିସ୍ତଲ, ଆଗରେ ସେ ଦଉଡ଼ୁଛନ୍ତି । କିନ୍ତୁ ପିସ୍ତଲ ବ୍ୟବହାର କରି ପାରୁନାହାନ୍ତି । ଲୋକ ଅନ୍ଧାରରେ ହାଉ ଯାଉ ହେଉଛନ୍ତି—ଯେବେ ଅନ୍ୟ କାହା ଦେହରେ ବାଜେ...

ଅନ୍ଧାରରେ ଦେବେନ ତାଙ୍କୁ ଚିହ୍ନି ନ ପାରି ଧରି ପକାଇ କହିଲା କିଛି ନୁହେଁ, ଜାହାଜର କିଛି ହୋଇନି । ଏମିତି ଅଡୁରଛ ହେଉଛ କାହିଁକି ସାମୁଏଲବାବୁ !

ହଠାତ୍ ଆଲୁଅ ସବୁ ଜଳିଉଠିଲା ।

ଦେବେନ ସ୍ୱାମୀଚନ୍ଦଙ୍କୁ ଦେଖି ଲଜ୍ଜିତ ହୋଇ କହିଲା— ଆପଣ ?

—କଣ କଲ ଦେବେନ . . ବଦମାସ ମୋର ଆଗରେ, ମୋତେ ଆଘାତ ଦେଇ ପଳାଇଗଲା ?

ତେବେ ଆପଣ . . . ?

ହଁ, ଏହି ଦେଖ ସମୁଦ୍ର ପାଣିକୁ ଡେଇଁପଡ଼ୁଛି । ନେଳିଆ ପାଣି ଓ କଳା ଅନ୍ଧାର ଭିତରେ କେଉଁ ଅଡ଼େ ଲୀନ ହୋଇଯିବ ।

—କ୍ଷତି କ'ଣ ହେବ ତେବେ ? କୂଳ ଏଠାରୁ ଦୁଇମାଇଲ ହେବ । ସେ କ'ଣ ଅତିକ୍ରମ କରି କୂଳରେ ପହଞ୍ଚି ପାରିବ ? ନା ମଗର ଶାର୍କଙ୍କର ଖାଦ୍ୟ ହେବ ।

ନିଃସହାୟ ହସଟିଏ ହସି ହୀରାଗୃନ୍ଦ କହିଲେ—ତୁମେ ତୁଚ୍ଛ ଲୋକ । ତେଣୁ ବିହାରୀର ଅସୀମ ଶକ୍ତିର ପରିଚୟ ପାଇନା । ସେହି ସମୁଦ୍ରରେ ମଗର, ମାଛ, ଜଳଚର ପ୍ରାଣୀ ପରି ପହଁରି ପାରେ—ଘଣ୍ଟା ଘଣ୍ଟା ଧରି ସ୍ଥିର ଭାବରେ ପାଣିରେ ଭାସିପାରେ, କୁମ୍ଭୀର ମଗର ପରି ହିଂସ୍ରହୋଇ ତାଙ୍କ କବଳରୁ ନିଜକୁ ରକ୍ଷା କରିପାରେ । ଏତ ଦୁଇ ମାଇଲ ମାତ୍ର ! ଅତି ସହଜରେ କୂଳରେ ପହଁଚି ନିଜର ଉଦ୍ଦେଶ୍ୟ ସାଧନ କରିବାରେ ଲାଗିପଡ଼ିବ । ମୋର ଜୟୁଙ୍କର ପରାଜୟ । ତାରି କଥା ସେ କାଏମ କରିବ । ଥରେ ହାତରୁ ଖସିଗଲେ ତାକୁ ଧରିବାର ପ୍ରୟାସ ଆକାଶ କୁସୁମ ମାତ୍ର ।

ଏତିକି ବେଳକୁ ସାମୁଏଲ ଆସି ଖବର ଦେଲେ—ଭଗବାନ ରକ୍ଷା କଲେ ଅଳ୍ପ ! ଠିକ୍ ସମୟରେ ଆର ଜାହାଜର କାପ୍ତାନ ୱାରଲେସ ପାଇ ଜାହାଜର ଗତିକୁ ନିୟନ୍ତ୍ରଣ କରିବା ଦ୍ୱାରା ସାମାନ୍ୟ ଆଘାତଲାଗିଛି । କିନ୍ତୁ କ୍ଷତି ହୋଇନି ଜାହାଜର । କେବଳ ସାମାନ୍ୟ ଧକ୍କା ଲାଗିବା ଦ୍ୱାରା ପାଞ୍ଚମିନିଟ ପାଇଁ ଇଞ୍ଜିନ କାମ କଲ ନାହିଁ ।

—ହଁ ସେଇ ପାଞ୍ଚମିନିଟ ଭିତରେ ପୃଥିବୀ ଓଲଟି ପାଲଟି । ସର୍ଦ୍ଦାର ବିହାରୀ ମୋର ଛାତିରେ ଆଘାତ ଦେଇ ଅନ୍ଧକାର ଭିତରେ ଲମ୍ଫଦେଲା ସମୁଦ୍ରକୁ ।

ସେ ଯାହାହେଉ, ଚୋରି ଯାଇଥିବା ଜିନିସଗୁଡ଼ିକର ସନ୍ଧାନ ମିଳିଛି ।

ସନ୍ଧାନ ମିଳିଛି ! ସାମୁଏଲ ଉଦ୍‌ବିଗ୍ନ ଭାବରେ ହୀରାଗୃନ୍ଦଙ୍କ ମୁହଁକୁ ଅନାଇ ରହିଲେ ।

—ହଁ, ଜାହାଜ ଅସ୍ତେ ଅସ୍ତେ ଜଳ ଭିତରକୁ ଗତି କଲାଣି । ବର୍ତ୍ତମାନ ସାବଧାନତା ସହକାରେ ଡାକ୍ତର, କାଳୀଲଙ୍କ କାର୍ଯ୍ୟବିଧିକୁ ଲକ୍ଷ୍ୟ କରିବାକୁ ହେବ ।

—ଡାକ୍ତର ଯେ ଜାହାଜରେ ଚାକିରୀ କରୁଛନ୍ତି ।

—ଜାହାଜରେ ଚାକିରୀ କରିବା ଉଦ୍ଦେଶ୍ୟ ତାଙ୍କ ପୂରଣ ହୋଇ ଯାଇଛି । ବର୍ତ୍ତମାନ ୧୨।୧୫ ଲକ୍ଷ ଟଙ୍କାର ଧନ ଦୌଲତ ନେଇ ଖସିଯିବାର ଚେଷ୍ଟାରେ ଅଛି । ସେ ଡାକ୍ତର ନୁହେଁ । ମୋର ଅନୁମାନ ଫଳବତୀ ହୋଇଛି । ବଙ୍ଗଳାର ବିଖ୍ୟାତ ଡକାୟତ ଅକ୍ଷୟଚନ୍ଦ୍ର । ବିଭିନ୍ନ ସ୍ଥାନରେ ବିଭିନ୍ନ ଭାବରେ ପରିଚିତ । କଲିକତାରେ ଚିତ୍ପୁରରେ ଯୁଙ୍କର ଗୋଟିଏ ହୋଟେଲ ଅଛି । ସେଠି ସେ ମେନେଜର । ଏଠି ଡାକ୍ତର ।

ଏତିକିବେଳକୁ ଡାକ୍ତର, କାଳୀଲ, ଉପାବଣୀ ଅତିକ୍ରମ କରି ଯାଉଥିଲା ଦେଖିଲେ, ସେ ଆଶଙ୍କାରେ ଟଙ୍କାର ଖସ୍ତେ ଚେକ୍ ହୀରାଚନ୍ଦଙ୍କ ଆଡ଼କୁ ବଢ଼ାଇ ଦେଇ ଦେଇ କହିଲେ—ଆପଣ ଠିକ କହିଥିଲେ । ଶୁଣିଲା କହାଣୀକୁ ଧରିଲା ବେଳେ ସେ କେଉଁଠି ପାଣିକୁ ଲମ୍ଫ ଦେଲା । ମୁଁ ହରାଇଲି ହୀରାଚନ୍ଦବାବୁ ।

ଚେକଟି ଗ୍ରହଣ କରୁ କରୁ ହୀରାଚନ୍ଦ କହିଲେ—ଆପଣ ଜାହାଜର ଡାକ୍ତର । କାପ୍ତାନଙ୍କ ବିନା ଅନୁମତିରେ କେଉଁଆଡ଼େ ଯାଉଛନ୍ତି ? ଗତିପଥ ରୋଧକଲେ ହୀରାଚନ୍ଦ ।

ଏତିକି ବେଳକୁ କାପ୍ତାନ ସାହେବ ଆସି ମିଳିଗଲେ ତାଙ୍କ ସାଙ୍ଗରେ ।

—ଜରୁରୀ କାମ ଅଛି ପଦାରେ ।

"ହଁ, ଯାଇପାରନ୍ତି । କିନ୍ତୁ ଯିବା ପୂର୍ବରୁ ସମସ୍ତ ଚୋରି ଯାଇଥିବା ମାଲତକ ଦେଇ ଯାଆନ୍ତୁ ଆପଣ ।"

"ଚୋର ମାଲ ! ଆପଣ କହୁଛନ୍ତି ମୁଁ କ'ଣ ଚୋର ?"

"—ଚୋର ନହନ୍ତି ଆପଣ, ଡକାୟତ ।" ପିସ୍ତଲ ହାତରେ ଡାକ୍ତରର ନାଲିଆଖିର ଆହ୍ୱାନକୁ ଉତ୍ତର ଦେଲେ ହୀରାଗୁନ୍ଦ ।

"ଚୁପ ଚୁପ ସେଗୁଡ଼ିକ ଦେଇଦେଇ ଡାକ୍ତର ହେବାର ଅଭିନୟ ଶେଷ କରନ୍ତୁ··· ନଚେତ, ସବୁ ପଦାରେ ପଡ଼ିଯିବ । ବହାରୀ ପ୍ରତିଶୋଧ ନେବା ପୂର୍ବରୁ ଏଇଠି ଆପଣ ଶେଷ ହୋଇଯିବେ ।"

"ପାଗଳ ହୋଇଛନ୍ତି ଆପଣ—ମୁଁ ଡାକ୍ତର ! ଜାହାଜର ଡାକ୍ତର, ଦେଖ କାପ୍ତାନ ସାହେବ···ଦେଖ ।"

'ବେଶ ଦେଖୁଛୁ ଡାକ୍ତର । ଡାକ୍ତର ରୁମରେ ଟ୍ରଙ୍କ ଭିତରେ ଦେଖିଛୁ ବହାରୀକୁ । ତନୋଟି ଲୋକ ରୁମ କୋଠରୀରେ ଥିଲା ବେଳେ ବହାରୀକୁ ସେଠାକୁ ନେଲା ପରେ ଗୁଟିଏ ପ୍ଲେଟ ଖାନା ନେବାର ଅଭିପ୍ରାୟ କଣ ଡାକ୍ତର ସାହେବ ? ଆଗରୁ ସପ୍ତାହକେ ଗୋଟିଏ ବୋତଲ ହୁଇସ୍କି ଦରକାର ହେଉଥିଲା ରୁମର···ପରେ ପଡ଼ିଲା, ଅର୍ଥାତ ବହାରୀ ଆଶ୍ରୟ ନେବାଦିନୁ ଦୁଇଟି କରି ସପ୍ତାହକେ ହୁଇସ୍କି ନେଇଛନ୍ତି ଆପଣ । ହିସାବ କାଗଜରେ ଅଛି···ଅର୍ଡରସ୍ଲିପ ସବୁ ଆମ ହାତରେ । ଅସାବଧାନତା ହେତୁ ହିଁ ଆପଣ ଧରାପଡ଼ି···ନୋହିଲେ ଯେପରି ଅଭିନୟ କରି, ଆମ୍ଭମାନଙ୍କ ନିକଟରେ ଉପସ୍ଥିତ ରହି, ବହାରୀକୁ ଜେଲରୁ ମୁକୁଳାଇ ଧନ ସମ୍ପତ୍ତି ହାତପେଠ କରି ନେଇ ଥିଲେ ।

"ଏ ସବୁ ଆପଣଙ୍କର ମନଗଢ଼ା କଥା ।"

"—ତେବେ କଲିକତାର ହୋଟେଲ ମେନେଜର ଓ ଏ ଜାହାଜର ଡାକ୍ତର କିଏ କହୁଛନ୍ତି···ଜଲିଲ୍ ଆପଣଙ୍କ ପୁଅ ନା ? ନା ବହାରର ଡାକୁ ସର୍ଦ୍ଦାର !"

ସାବଧାନ ହୀରାଗୁନ୍ଦ···ଜଲିଲ୍ ଗର୍ଜନ କରି ଉଠିଲା ।

"—ହଁ, ହଁ । ସେକଥା ଅନ୍ୟ ନଥିରେ ବିଚାର କରାଯିବ । ବର୍ତ୍ତମାନ ନୁହେଁ । ଧୀରେ ସୁସ୍ଥେ ଶ୍ରେଷ୍ଠ ମାଲଗୁଡ଼ିକ ଦେଇଦିଅ ।" ହୀରାଚାନ୍ଦ କହିଲେ ।

"ନା, ନା, ସିହାତ୍ ସେ ଘରେ ନଥିଲା । ଟ୍ରଙ୍କଟା କିଏ ଅନ୍ଧାର ବେଳେ ଥୋଇ ଯାଇ ପାରିଥାଏ । ତା' ସଂଗେ ସଂଗେ ସେ ସବୁ ଜିନିଷ ମୋ କୋଠରୀରେ ଅନୁସନ୍ଧାନ କରନ୍ତୁ...ପାଇ ପାରନ୍ତି । ମୋତେ ଛାଡ଼ିଦିଅନ୍ତୁ ଆପଣ...ବିଶେଷ କାମ ଅଛି"...ଅଗ୍ରସର ହେଲା ବେଳେ ହୀରାଚାନ୍ଦ ବଳପୂର୍ବକ ତାଙ୍କ ହାତରୁ କାମେରାଟି ଛଡ଼ାଇ ଆଣି ଆଣି କହିଲେ—"ଜାହାଜଟା ବୁଡ଼ି ଯାଉଥିଲା ବେଳେ ସମସ୍ତେ ଭୟଭୀତ ହୋଇ ମୃତ୍ୟୁର ଅପେକ୍ଷାରେ ଥିଲାବେଳେ କେଉଁ ଲୋକ ସେ କାମେରାଟି ଆଣିବାକୁ ଯାଉଥିଲେ ଡାକ୍ତର ସାହେବ ?"

ସେଇଟି ମୋର ଅନେକ ଧନର ସୁଡ଼ର ଚାଜ !

କାମେରାଟି ନିଜ ହାତରେ ଟାଣିନେଇ ଯିବାକୁ ଚେଷ୍ଟା କଲାବେଳେ ସାମୁଏଲ ଡାକ୍ତରଙ୍କୁ ଆଘାତ କଲେ ।

ହୀରାଚାନ୍ଦ କାମେରାଟି କାପ୍ତାନ ସାହେବଙ୍କ ହାତକୁ ବଢ଼ାଇ ଦେଇ ଦେଇ କହିଲେ—ସମସ୍ତ ମୂଲ୍ୟବାନ ପଦାର୍ଥ ଏଇଥିରେ ଅଛି । ସୁନା ରୁପା ସବୁ ଡାକ୍ତର କୋଠରୀରେ ।

କାପ୍ତାନ ବକବକ ହୋଇ ଅନେଇ ଥିଲେ ହୀରାଚାନ୍ଦଆଡେ ।

କାପ୍ତାନ କାମେରା ବ୍ୟାଗଟି ଖୋଲିଦେଲା ବେଳକୁ ବ୍ୟାଗ ଭିତରଟି ଶତଚନ୍ଦ୍ର ଆଲୋକକୁ ଉପହାସ କରି ଜକ୍ ଜକ୍ କରି ଉଠିଲା । ଅଙ୍କରତ୍ନ ପୂର୍ଣ୍ଣ ହୋଇଛି ସେଥିରେ ।

ଡାକ୍ତର ହତାଶ ପ୍ରାଣରେ ବ୍ୟାକୁଳ ଭାବରେ ଚାଲିଯିବାକୁ ଉଦ୍ୟତ ହେଲା ବେଳକୁ ହୀରାଚାନ୍ଦ କହିଲେ—ଯାଇପାରନ୍ତି ଆପଣ ।

ଆପଣଙ୍କ କଥାପରେ ବୁଝିବ । ନିଜପାଇଁ ନିଜେ ସତର୍କ ହୋଇ ରହିବେ ଆପଣ କାରଣ ବିହାରୀ ନିଶ୍ଚୟ ପ୍ରତିଶୋଧ ନେବ । ଆପଣଙ୍କ ଯେଉଁ ମନୋଭାବ ଥିଲା ତାଙ୍କ ସହିତ ବିହାରୀକୁ ଜଳସମାଧି ଦେଇ ଏ ଧନ ରତ୍ନର ଅପ୍ରତିଦ୍ୱନ୍ଦ୍ୱୀ ସମ୍ରାଟ ହେବେ ବୋଲି, ସେ ବୁଝି ପାରିଛନ୍ତି । ଆପଣଙ୍କୁ ଥୋପକରି ତାକୁ ଧରିବ ବୋଲି ଛାଡିଦେଲି । ସାବଧାନ···ସାବଧାନ ··· !···

ସେ ଯାହାର ଧନରତ୍ନ ପାଇଁ ହୀରାଚନ୍ଦଙ୍କୁ ଧନ୍ୟବାଦ ଦେଇ ଚାଲିଗଲେ ।

କାପ୍ତାନ ସାହେବ ଖଣ୍ଡିଏ ପାଞ୍ଚ ହଜାର ଟଙ୍କାର ଚେକ ବଢ଼ାଇ ଦେଇ କହିଲେ—ବିଚକ୍ଷଣ ଭାବରେ ଏଥର ମୋତେ ତଥା ଆମ କର୍ମାଣୀଙ୍କୁ ଯେପରି ବଞ୍ଚାଇଲେ ଆମେ କେବେ ଭୁଲିପାରିବୁ ନାହିଁ ହୀରାଚନ୍ଦବାବୁ !

ହୀରାଚନ୍ଦବାବୁ ଶୁଖିଲା ହସ ହସି କହିଲେ—ବିଶେଷ ଲଜ୍ଜିତ କରନ୍ତୁ ନାହିଁ ଆପଣ । ହାତରୁ ଖସି ପଳାଇଲା ବିଧାସୀ । ସେ ଜୟ କର ଯାଉଛନ୍ତି ଆମକୁ···।

ଆପଣଙ୍କ ମହତ ଉଦ୍ଦେଶ୍ୟ ଭଗବାନ ନିଶ୍ଚୟ ପୂରଣ କରିବେ ।

ଓହ୍ଲାଇ ଆସିଲେ ହୀରାଚନ୍ଦ । ତା'ପରେ ସାମୁଏଲ ।

ତଳକୁ ଉତ୍ତର ରାସ୍ତା ଉପରେ ହୋଟେଲ୍‌ଟିଏ ଡାକିଲା ବେଳକୁ ମେହେରଚନ୍ଦ ଥରିଥରି ଆସି କହିଲେ--ମୋତେ ନିରାପଦରେ ଟିକିଏ ଛାଡ଼ିଦେବ ଆସ ସାହେବ ।

ପଛ ସିଟ୍‌ରେ ବସିବାକୁ କହି ହୀରାଚନ୍ଦ ଗାଡ଼ି ଛାଡ଼ିବାକୁ ଆଦେଶ ଦେଇ ଦେଇ କହିଲେ—ପୁତୁରା ଭାଇମାନଙ୍କୁ ଠକାଇ

ଏତେ କଷ୍ଟରେ ଯେଉଁ ଧନରତ୍ନ ଆଣିଛ, ଆଉ ବିଶେଷ ବିଳମ୍ବ ନକରି କାଲି ସକାଳୁ ଇମ୍ପୋରିଆଲ ବ୍ୟାଙ୍କରେ ଡିପୋଜିଟ କରି ଦେଇଆସ ।

ଗାଡ଼ି ଦ୍ରୁତ ଗତିରେ ଛୁଟି ଚାଲିଲା ସହର ଅଭିମୁଖରେ ।

× × ×

ସମୁଦ୍ରର ଢେଉରେ ଭାସିଭାସି ସେଟିସେଫର ସାହାଯ୍ୟରେ କୂଳରେ ଲାଗିଲା ବାହାଘ୍ରା । ସେ ବଡ଼ କ୍ଳାନ୍ତ । ଅଙ୍ଗ ପ୍ରତ୍ୟଙ୍ଗ ଶିଥିଳ । ନିଜ ଦେହଟାକୁ ବାଲୁକା ଶଯ୍ୟାରେ ପକାଇ ରଖି ଶକ୍ତି ଫେରାଇ ଆଣୁଥିଲା ସେ ।

ପୋଷାକ ପତ୍ର ଓଦା । ଭୋକରେ ପେଟ ଦାଉ ଦାଉ ହୋଇ ଜଳୁଛି । ଗାଁ ଗଣ୍ଡା ଖୁବ୍ ଦୂରରେ । ରାତି ମାଡ଼ି ଆସିଲାଣି । ବାହାଘ୍ରା ଚିନ୍ତିତ···ଅର୍ଥ ଶୂନ୍ୟ । "ଭିକ ମାଗିବି ପେଟ ପାଇଁ" ଭାବନାରେ ସେ ଚେଙ୍କି ଉଠିଲା ।

ଅନତିଦୂରରେ ଅତିକ୍ରମ କରି ଯାଉଛି ଗୋଟିଏ ରାସ୍ତା···ଯାନ ବାହାନର ଯିବା ଆସିବା ବେଶୀ ନାହିଁ । ବେଳେ ବେଳେ ଯାତ୍ରୀବାହୀ ବସ୍, କାର ଅତିକ୍ରମ କରି ଯାଉଥିଲା ରାସ୍ତା ଉପରେ ।

ଅନେକ ସମୟ ନିଃସହାୟ ଭାବରେ ପଡ଼ିରହି ଭାବୁଥିଲା ବାହାଘ୍ରା ପେଟର ଜ୍ୱାଳା ନିବାରିବା ପାଇଁ ଖାଦ୍ୟ ଲୋଡ଼ା···ଆଉ ଅପରିଷ୍କାର ଲୁଣିପାଣି ଭିଜା ପୋଷାକକୁ ବଦଳାଇବା ପାଇଁ ପୋଷାକ ଦାରକାର ।

ରାତି ୯ଟା ବାଜିଗଲା । ଅନ୍ଧାର ବେଳକୁ ବେଳ ଘନେଇ ଆସିଲା । ବାହାଘ୍ରା ଧୀରେ ଧୀରେ ରାସ୍ତାଆଡ଼କୁ ଅଗ୍ରସର ହେଲା

ଦୂରରୁ—ଖୁବ୍ ଦୂରରୁ ଗୋଟାଏ କ'ଣ ଆଲୁଅ ଦେଖାଗଲା । ଗାଁଟା ଦୂରରେ ଅଛି । ତାର ଆଲୁଅର ଉଜ୍ଜ୍ୱଳତା ଅନେକ ବାଟରୁ ଦେଖା ଯାଉଛି ।

ବହ୍ୱାସ୍ତି ଦେଖିଲା ଆଗରେ ଗୋଟିଏ ତୀକ୍ଷ୍ଣ ଗଡ଼ାଣି । ଗଡ଼ାଣିରେ ଗାଡ଼ି ପହଞ୍ଚିଲା ପୂର୍ବରୁ ଗୋଟାଏ ମସ୍ତବଡ଼ ମୋଡ଼........ଆଗରେ ଗୋଟାଏ ମସ୍ତବଡ଼ କାଠଗଡ଼ି ପଡ଼ିଛି...

ଦ୍ରୁତ ଗତିରେ ଗୁଲକ ଛୁଟାଇଛି ଗାଡ଼ି ।

ଗାଡ଼ିର ଗତି ମୋଡ଼ ମୁଣ୍ଡରେ ବ୍ରେକ ହେଲା ନାହିଁ । ଭୟଙ୍କର ଭାବରେ କାଠ ଗରଣ୍ଡାଟା ଗାଡ଼ିର ଇଞ୍ଜିନର ବାମ ପାଖରେ ବାଡେଇ ହୋଇ ଗଡ଼ାଣିରେ ଗାଡ଼ି ଖସିପଡ଼ିଲା ତଳକୁ ।

ସେତେବେଳକୁ ଗୁଲକର ହାତ ଷ୍ଟିଅରିଙ୍ଗ ଉପରୁ ଖସି ଆସିଥିଲା । ନିଜର ଜୀବନ ରକ୍ଷିବା ପାଇଁ ଡେଇଁ ପଡ଼ିଲା...ଭୟଙ୍କର ଭାବରେ ଭୂଇଁରେ କଚାଡ଼ି ହୋଇ ପଡ଼ି ହତଜ୍ଞାନ ହେଲା ।

ଗାଡ଼ି ଗଡ଼ିଗଡ଼ି ନିମ୍ନ ଦେଶକୁ ଆସି ରୋକିହୋଇ ଗଲା ।

ଦଶମିନିଟ ଖଣ୍ଡେ ବହ୍ୱାସ୍ତି ଏଣେ ତେଣେ ହୋଇ ଆସି ଗୁଲକକୁ ପରୀକ୍ଷା କଲା...ଗାଡ଼ିଟିକୁ ବି ଦେଖିନେଲା । ତେଲ ସରିଯାଇଛି ଇଂଜିନରୁ । ଗଡ଼ାଣିରୁ ଗଡ଼ପଡ଼ି ଗାଡ଼ି ତେଲ ଅଭାବରୁ ଆପେ ଆପେ ରୋକିହୋଇ ଯାଇଛି । ହାତ ବୁଲେଇ ବହ୍ୱାସ୍ତି ପଛ ସିଟରେ ଦେଖିଲା କେହି ନାହିଁ । ଗୋଟିଏ ବଡ଼ ଟେଡିଙ୍ଗ୍ ଓ ଗୋଟିଏ ହାତ ବ୍ୟାଗ । ହାତ ବ୍ୟାଗଟି ଫିଟାଇ ପାଇଲା ଗୋଟିଏ ବଡ଼ ଟର୍ଚ୍ଚଲାଇଟ୍ !

ବେଶୀ ସମୟ ନଷ୍ଟ ନ କରି ଗୁଲକ ନିକଟକୁ ଯାଇ ଆଲୁଅରେ ଦେଖିଲା । ଗୋଟିଏ ସୁନ୍ଦର ସୁଶ୍ରୀ ସାହେବ । ଦାମିକା ସୁଟ୍ । ହାତରେ ଘଣ୍ଟା । ପକେଟରେ ସୁନା କଲମ । ଗୁଲକ ହତଜ୍ଞାନ ହୋଇ ପଡ଼ିଛି

ଦୟାହେଲା । ବହାରୀ ଗୁହିଁଲ ଲୋକଟାକୁ ସାହାଯ୍ୟ କରିବ । ତାକୁ ସାହାଯ୍ୟ କଲେ ନିଜେ ଅସୁବିଧାରେ ପଡ଼ିବ । ନିଃସହାୟ ଭାବରେ ସେ ଲୋକଟା କ'ଣ ମରିଯିବ ?

କାନ୍ଧରେ କିଛିଦୂର ବୋହିନେଲା ବହାରୀ । ନିକଟସ୍ଥ ଜଳାଶୟର ତଟାଣିରେ ଶୋଇ ଦେଇ ପାଣିଆଣି ତାର ମୁହଁରେ ଦେଲା । ଆସ୍ତେ ଆସ୍ତେ ଚେତାହେଲା ଗୁଳକର ।

ଆଖି ମେଲାକରି ଗୁଳକ ପଚାରିଲା—ତମେ କିଏ ମହାଶୟ ? ମୋ ଜୀବନ ରଖିଲ ।

"ମେ ପରିଚୟ ପାଇବା କି ଲୋଡ଼ା ସାହେବ ? ଆପଣ ବଞ୍ଚିଗଲେ । ସେଇ ଠାହିଁ ମୋର ପରିଚୟ । ଆପଣ କିଏ ?"

"ମୁଁ ରବର୍ଟସନ ଚିତ୍ତରଞ୍ଜନ ଏଭିନିଜର । ବର୍ମା—ସେଲ ଅଫିସର କ୍ୱାର୍ଟରରେ ରୁହେ । ମୁଁ ସୁପରିଣ୍ଟେଣ୍ଡେଣ୍ଟ……।

"ହଉ, ମୋର ପରିଚୟଟା—ସର୍ଦ୍ଦାର ବହାରୀ ।"

ସର୍ଦ୍ଦାର ବହାରୀ ! ବିସ୍ମିତ ହେଲେ ସାହେବ ।

ଶୁଣିଥିବ ନାଆଁଟା । ସମୟହେଲେ ବିଶେଷ ପରିଚୟ ଦେବି । ଦିନେଦୁଇଦିନ ଆପଣଙ୍କୁ ଏଠି ଅପେକ୍ଷା କରି ରହିବାକୁ ହେବ ।

—ଏଠି କାହିଁକି ?

କୌଣସି ଉତ୍ତର ଦେବା ପୂର୍ବରୁ ବହାରୀ ସାହେବର ଗୋଡ ହାତ ବାନ୍ଧି ଆଉ କିଛିଦୂର ବୋହି ନେଇଗଲା ।

ଶେଷ ବିଦାୟ ନେବା ପୂର୍ବରୁ ବହାରୀ କହିଲା—ଯାଉଛି ସାହେବ, ଦେଖା ହେବ ।

ବହାରୀ ଆସି ଇଞ୍ଜିନ ପରୀକ୍ଷା କଲା ।

ସବୁ ଠିକ୍ ଅଛି । ତେବେ ? ତେଲ କଣ ନାହିଁ ।

ଗାଡ଼ି ପଛରେ ଦୁଇଟିଣ ପେଟ୍ରୋଲ ବନ୍ଧା ହୋଇଥିବାର ଦେଖି **ବହାଦୁର** ଆନନ୍ଦିତ ହୋଇ ଗାଡ଼ିରେ ତେଲ ଭରିଲା ।

ସେଲ୍ଫ ଦବାଇ ଗାଡ଼ି ଧୀର ଗତିରେ ବହାଦୁର ଚଳାଇ ନେଲା ।

କଲିକତା ସହର ମୂର ମାଇଲ ମାତ୍ର ।

କିଛିଦୂର ଗଲାପରେ ରାସ୍ତାର ଗୋଟିଏ କଡ଼ରେ ଗାଡ଼ିକୁ ଠିଆ କରି ହେଣ୍ଡବ୍ୟାଗକୁ ପରୀକ୍ଷା କରିବାକୁ ଲାଗିଲା । ସୁନ୍ଦର ସୁନ୍ଦର ଦୁଇଟି ସୁଟ ଦେଖି ଆନନ୍ଦିତ ହେଲା । କାଳ ବିଳମ୍ବ ନ କରି ଗୋଟିଏ ଗରମସୁଟ ପିନ୍ଧି ନେଲା । ହାତରେ ସୁନା ଘଡ଼ି । ଗୁଞ୍ଜିରେ ଫୁନି କଲମ । ସାହେବ ବେଶରେ ବହାରୀ ନିଜକୁ ସଜାଇ ଦେଲା ।

ହାତ ବ୍ୟାଗରୁ ଗୋଟିଏ ଚେକ୍ ବହି ପାଇଲା । ଦୁଇଟି ବ୍ଲାଙ୍କ । ଚେକରେ ଦସ୍ତଖତ ବି ଅଛି । ଆନନ୍ଦରେ ବହାରୀ ଅଧୀର ହୋଇ କହିଲା "କ୍ୟା ତୋଫା…"

ଚଳାଇବା ପୂର୍ବରୁ ସିଟ ନିକଟସ୍ଥ ଅଟୋମିକ ସେଲକୁ ଖୋଲି ଦେଖିଲା ସେଥିରେ ଗୋଟିଏ ପିସ୍ତଲ ଓ ତାର ଅନ୍ୟ ପାଖରେ ଗୋଟିଏ ହୁଇସ୍କି ବୋତଲ ଅଛି ।

ତାର ଆନନ୍ଦ ସୀମା ଟପିଗଲା ।

ଢକଢକ କରି ବୋତଲରୁ ୩ ଭାଗ ଶେଷ କରି ମହୋ-ଲ୍ଲାସରେ ଗାଡ଼ି ଛୁଟାଇ ଦେଲା କଲିକତା ଅଭିମୁଖରେ ।

ସକାଳୁ ଦେଖାଗଲା ବିହାରୀ ତାଜମହଲ ହୋଟେଲରେ ବେଶ୍ ଆରାମରେ ଶୋଇ ଚେକ୍ ବହିଟି ବାରମ୍ବାର ପରୀକ୍ଷା କରୁଛି । ବ୍ଲାଙ୍କ ଚେକରେ ମିଃ ରବର୍ଟସନଙ୍କ ଦସ୍ତଖତ ତାକୁ ଆହୁରି ଉତ୍ସାହିତ କଲା ।

ରବର୍ଟସନଙ୍କ ଜାଲ୍ ଦସ୍ତଖତ ବାରମ୍ବାର ଅଭ୍ୟାସ କରୁ କରୁ କହି ପକାଇଲା ଏଥର ଠିକ୍ ହୋଇଛି । ଅବିକଳ ରବର୍ଟସନର ଦସ୍ତଖତ । ତେବେ ତାର ଦସ୍ତଖତ ଭବିଷ୍ୟତରେ ଲୋଡା ହେବ । ବର୍ତ୍ତମାନ ?

ସ୍ୱାଗୁନ୍ଦ ନାମରେ ବ୍ଲାଙ୍କ ଚେକରେ ପନ୍ଦରହଜାର ଟଙ୍କା ଦାବୀକୁ ପୂରଣ କରି ବିହାରୀ ଭାବିଲା, ଆଜି ବାରଟା ଭିତରେ ଟଙ୍କା ନେଇ ଆସିବାକୁ ହେବ । ନଚେତ୍ ରବର୍ଟସନ ଯେବେ…… ।

ହୋଟେଲବୟ ଆସି ବେଡ୍ ଟି ପରଶିଗଲା । ଟି କପ୍ଟି ଶେଷ କରି ଶୀଘ୍ର ଶୀଘ୍ର ବିହାରୀ ସକାଳ ଗାଧୁଆ ପାଇଁ ଗରମପାଣି ପ୍ରଭୃତିର ବ୍ୟବସ୍ଥା କରିବା ପାଇଁ ଆଦେଶ ଦେଲା ।

ସାଢେ ଅନଟା ବେଳକୁ ନିଜର କାମ ଶେଷ କରି ଗ୍ୟାରେଜରୁ ଗାଡ଼ି ବାହାର କରି ବ୍ୟାଙ୍କ ଅଭିମୁଖରେ ଛୁଟାଇଲା । ଖୁବ୍ ଜଣେ ଧନୀ ଲୋକ । ହୋଟେଲର ସମସ୍ତ କର୍ମଚାରୀଙ୍କ ଧାରଣା ।

ବ୍ରହ୍ମଚାରୀ ଗାଡ଼ି ଚଲାଇଲା ବେଳେ ଭାବିଲା, ଆଜି ବହୁତ ପ୍ରୋଗ୍ରାମ । (୧) ବ୍ୟାଙ୍କରୁ ଟଙ୍କା ୧୨ଟା ପୂର୍ବରୁ ହାତପେଠ କରିବା, (୨) ଦୋସ୍ତ ମାନଙ୍କ ସହିତ ମୁଲାକାତ କରି କଲିକତା ଦଳକୁ ଅଳ୍ପସମୟ ଭିତରେ ପୁନର୍ଗଠନ, (୩) ହୀରାଚୁନ୍ଦକୁ ଆକ୍ରମଣ କରି ଶେଷ, (୪) ବିଶ୍ୱାସ-ଘାତକ ଅଜିତ ଓ ଜଲିଲଙ୍କ, ଉପଯୁକ୍ତ ପୁରସ୍କାର ଦେବାକୁ ହେବ ।

ଦୁଇଦିନ ଭିତରେ ସମସ୍ତ କାର୍ଯ୍ୟ ଶେଷ କରି ଫେରି ଯାଇ ଗାଁଆଟିଏ ଥରେ ବୁଲି ଆସିବାକୁ ହେବ ।

ଗାଡ଼ି ଚାଲିଛି ଆଗକୁ । ରବର୍ଟସନ ଗାଡ଼ିରେ ବ୍ରହ୍ମଚାରୀ ଆଜି ମାଲିକ । ଅଦ୍ଭୁତ ସାହସ

× × × ×

ହୀରାଚୁନ୍ଦ ଚିନ୍ତାମଗ୍ନ । ହୋଟେଲର ବୟକୁ ଚୁହା ପାଇଁ କହିଦେଇ ଭାବିବାକୁ ଲାଗିଲେ । ବ୍ରହ୍ମଚାରୀ କ'ଣ କେବେ ଅଜିତକୁ ଶାସ୍ତି ନ ଦେଇ କଲିକତା ଛାଡ଼ିବ ? ମେହେରଚାନ୍ଦର ଅନ୍ବେଷଣ କ'ଣ କରିବ ନାହିଁ ? ନିଜ ଦଳର ଉକଯୁତ ମାନଙ୍କୁ ମୁଲାକାତ ନ କରି ସେ କଣ ଏଠୁ ଚାଲିଯିବ ?

ଏତିକି ବେଳକୁ ହୋଟେଲର ଚପରାସୀ ଗୋଟିଏ ଭିଜିଟିଂକାର୍ଡ ତାଙ୍କ ହାତକୁ ବଢ଼ାଇ ଦେଲା । ମିଃ ରବର୍ଟସନ ତାଙ୍କୁ ଦେଖା କରିବାକୁ ଚାହାନ୍ତି । ତେବେ……

ହୀରାଚୁନ୍ଦ ପକେଟ ଅଣିବାକୁ ଗଲବେଳେ ଅତି ସନ୍ତର୍ପଣରେ ଠିଆ ହୋଇଥିବା ଉକ୍ତ ଭଦ୍ରଲୋକ ପଶି ଆସିଲେ ତାଙ୍କ ରୁମକୁ ।

ଭଦ୍ରଲୋକ ଏପରି ମେକ୍‌ଅପ କରିଥିଲେ ଯେ ତାଙ୍କୁ ଜାଣି ହେଲାନି । ପୁନଶ୍ଚ ରବର୍ଟସନଙ୍କୁ ହୀରାଚୁନ୍ଦ କେବେ ଦେଖି ନ ଥିଲେ ।

—ଆପଣ ମୋତେ କିପରି ଜାଣିଲେ ?

—ଆଗନ୍ତୁକ କହିଲେ—ଆପଣଙ୍କୁ ଭାରତରେ କିଏ ନ ଚିହ୍ନେ କହନ୍ତୁ ତ ?

—ମୁଁ ଯେ କଲିକତାରେ ଅଛି······ ।

କଲିକତାର ସ୍କୁଲ ପିଲା ବି ଜାଣିଲେଣି, ଆପଣ ଏଠି ବିହାରୀ ସହିତ ଓହ୍ଲାଇଛନ୍ତି ।

ହଠାତ୍ ହୀରାଚାନ୍ଦ ନିଦରୁ ଉଠିଲାପରି ଚମକି ପଡ଼ି ପକେଟରୁ ପିସ୍ତଲଟି ଆଣି ଲକ୍ଷ୍ୟ କରି କହିଲେ—"ଇନ୍ଦ୍ର ସର୍ଦ୍ଦାର ! ସତର୍କ ହୁଅ । ହାତ ଉପରକୁ ଉଠାଅ ; ନଚେତ୍ ଦୁଇଟି ଗୁଳିରେ ଶେଷ କରିଦେବି ଏଥର । ଅନେକଥର ଧୂଳି ଦେଇ ଖସି ଯାଇଛୁ । ଏଥର ନୁହେଁ ।"

—ଧନ୍ୟବାଦ ହୀରାଚାନ୍ଦ । ଏତେଶୀଘ୍ର ଚିହ୍ନି ପକାଇବୁ ବୋଲି ମୋର ଆଶା ନଥିଲା । ତୁ ବଡ଼ ଗୁଲ୍ଲିକ ।

ସାଟି ମିଳେଇ ରଖିଦେଇ ହାତ ଉପରକୁ ଟେକ । ମୋତେ ମାରିବାକୁ ଆସିଥିଲୁ ନା ! କିଏ ମରିବ ଆଗ ଭାବ ।

ହଲଚଲ ହେଲା ବେଳକୁ ହୀରାଚାନ୍ଦ ସାହସର ସହିତ ପିସ୍ତଲକୁ ତା ଛାତି ନିକଟକୁ ଆଣି କହିଲେ—"ବୃଥା ଚେଷ୍ଟା କଲେ ଶେଷ କରିଦେବି । ଟେବୁଲ ଉପରେ ହାତ ଦୁଇଟିକୁ ରଖ । ବଞ୍ଚିବୁ ଯେବେ ଆତ୍ମସମର୍ପଣ କର !"

ହୀରାଚାନ୍ଦ ଅସ୍ତ୍ର ଖୋଲା ତ ଭିତରୁ ବାମ ହାତରେ ହାତକଡ଼ିଟି ଆଣି ବିହାରୀ ହାତରେ ପକାଇଲା ବେଳକୁ ବିହାରୀ ଗୋଟିଏ ବିଷାକ୍ତ ଦ୍ରବ୍ୟ ତାଙ୍କ ହାତରେ ଫୋଡ଼ିଦେଲା ।

"ମରିଗଲି ଲୋ ବାପା" କହି କଣ୍ଢେଇ ହୋଇ ପଡ଼ିଲେ ହୀରାଚାନ୍ଦ । କାଳ ବିଳମ୍ବ ନ କରି ବିହାରୀ ତାଙ୍କ ଛାତିକୁ କୁଦା ମରି ଗୋଟାଏ ଘାଷ ଛୁରିକା ଲହ ଲହ କରି କହିଲା—ବାନ୍ଧୁକ, ପିସ୍ତଲ, ନୁହେଁ

ହୀବର୍ଗନ ! ଛୁରୀ । ଶବ୍ଦ ହେବ ନାହିଁ । କିନ୍ତୁ ଶେଷ କରଦେଉ ଛେଉଛ ।

ହଠାତ ଛୁରୀଟା ଛାତିରେ ଭୁଷିଦେଲା ବେଳକୁ ମି ସାମୁଏଲ ଦ୍ରୁତ ଗତିରେ ପ୍ରବେଶ କରି ହିବାର୍ଗନର ହାତକୁ ମାଡ଼ି ବସିଲେ ।

ଆକସ୍ମିକ ଭାବରେ ତାର ଫଳବତୀ ଚେଷ୍ଟା ଯେ ବ୍ୟର୍ଥ ହୋଇଛି, ବୁଝିବାକୁ ବେଶି ସମୟ ଲାଗିଲା ନାହିଁ । ତାକୁ ଠେଲିଦେଇ ଝରକା ବାଟେ ବାହାରି ପଦାକୁ କୁଦି ପଡ଼ିଲା । ସାମୁଏଲ ଚିତ୍କାର କରି ଉଠିଲେ—ଗ୍ରେର···ଗ୍ରେର···ପିସ୍ତଲ···ପିସ୍ତଲ··· ନିଜ ହାତରେ ପିସ୍ତଲ ଧରିବା ପୂର୍ବରୁ ଝରକା ନିକଟରେ ସଙ୍କୁଚିତ ହୋଇ ରହିଥିବା ଗାଢ଼ ଭୟଙ୍କର ଗତିରେ ଛୁଟି ଯାଇଥିଲା ।

ଅଳ୍ପ ସମୟ ଭିତରେ ହାବର୍ଗନ ଚେତା ଫେରି ପାଇଲେ । ସାମୁଏଲ ଓ ସେ ଏ ବିଷୟରେ ଚିନ୍ତା କଲବେଳେ ଦୁଇଜଣ ଭଦ୍ରଲୋକ ତାଙ୍କ କୋଠରୀରେ ପ୍ରବେଶ କରି ପଚାରିଲେ—"ଆପଣ କ'ଣ ହାବର୍ଗନବାବୁ !"

— ହଁ, ମୁଁ ! କ'ଣ କହିବାର ଅଛି ?

— ଆପଣ ମି. ରବର୍ଟସନଙ୍କ ଏକାଉଣ୍ଟରୁ ପନ୍ଦରହଜାର ଟଙ୍କା ଉଠାଇଛନ୍ତି ?

— ରବର୍ଟସନ ? ଟଙ୍କା ? କ'ଣ କହୁଛନ୍ତି ଆପଣ ?

— ମୁଁ ଇମ୍ପିରିଆଲ ବ୍ୟାଙ୍କର ମେନେଜର, ଏ ହେଉଛନ୍ତି ଖାଜାଞ୍ଚି ।

— ଏ ଭଦ୍ରଲୋକ ଆପଣଙ୍କ ସାମନାରେ ଦସ୍ତଖତ କରି ଟଙ୍କା ଆଣିଥିଲେ ?

ନାଁ, ନାଁ । ଏ ଲୋକ ନୁହନ୍ତି । ସେ ରବର୍ଟସନଙ୍କ ମଠର ନେଇ ଆସିଛନ୍ତି । ଗୋରା ହୋଇ···ବେଶି ଡେଙ୍ଗା ନୁହେଁ···ଖାଜାଞ୍ଚି ବି କହିଲେ ।

କ'ଣ ଆପଣ କହୁଛନ୍ତି ? ହୀରାଗୁନ ପଚାରିଲେ ।

ରବର୍ଟସନଙ୍କ ଦସ୍ତଖତରେ ଆପଣଙ୍କ ନାମରେ ଚେକ୍ ଦେଖାଇ ଆଜି ବାରଟାବେଳେ ପନ୍ଦରହଜାର ଟଙ୍କା ଡ୍ର କରାଯାଇଛି···ଘଟଣାଟା କିଛି ସମୟ ଲୁଚିରହିଥାଆନ୍ତା । କିନ୍ତୁ ମି. ରବର୍ଟସନ ଅତଳସ୍ପର୍ଶ ଶରୀରରେ ଜୀବନ ଦୁଇଟା ବେଳେ ଏଠି ପକ୍ଷୀ ଜଣାଇଛନ୍ତି—ଗୋଟିଏ ଡକାଇତ ତାଙ୍କୁ ବାନ୍ଧି ସମୁଦ୍ର କୂଳରେ ପକାଇ ଦେଇ ତାଙ୍କର ମଠର ଓ ଆସବାବ ପତ୍ର ନେଇ ପଳାଇ ଯାଇଛନ୍ତି ।

ହୀରାଗୁନଙ୍କୁ ଆଉ ବେଶି ସମୟ ବୁଝିବାକୁ ଲାଗିଲା ନାହିଁ । ତାଙ୍କ ପୂର୍ବରୁ ଆସିଥିବା ଛଦ୍ମବେଶୀ ରବର୍ଟସନଙ୍କ ଭିଜିଟିଂ କାର୍ଡଟି ଦେଖାଇ ଦେଇ କହିଲେ—ବଦ୍‌ମାସ ଜହାଗୀ ଡାକୁର ଏ କାମ ।

ସମସ୍ତେ ଅବାକ ହୋଇ ତାଙ୍କ ମୁହଁକୁ ଚାହିଁ ରହିଲେ ।

ସନ୍ଧ୍ୟା ଆଗତ ପ୍ରାୟ । ହ୍ମୀବୃନ୍ଦ ବସି କଣ ଭାବୁଥାନ୍ତି । ତାଙ୍କ ଭାବନାକୁ ବାଧାଦେଇ ଖବର କାଗଜ ହକର ଡାକି ଡାକି ଯାଉଥିଲା ।

“ଦିନ ଦି’ପହର ବେଳେ ଛଦ୍ମବେଶୀ ହୋଟେଲ ମେନେଜର ବଙ୍ଗର ଲୁକାୟିତ ଅଜିତ୍ ଚନ୍ଦ୍ରଙ୍କ ହତ୍ୟା କରି ଯାଇଛନ୍ତି ।”

ତରତର ହୋଇ ହ୍ମୀବୃନ୍ଦ ହୋଟେଲର ଗେଟ ନିକଟକୁ ଯାଇ ଖଣ୍ଡେ କାଗଜ କିଣିଆଣି ମନୋନିବେଶ ସହିତ ପଢ଼ିଲେ ।

ଏ ସନ୍ଦର୍ଭରେ ଦେବେନ ନାମକ ଗୋଟିଏ ଯୁବକକୁ ପୁଲିସ ଗିରଫ କରିଛନ୍ତି । ପୁଲିସର ଅନୁମାନ ଅଜିତ୍‌ର ପାଳିତା କନ୍ୟା ଉଷା ସହିତ ଦେବେନର ପାପ ପ୍ରଣୟ ଥିଲା । ଅଜିତ୍ କିନ୍ତୁ ତାଙ୍କ ପ୍ରେମ ଓ ପ୍ରଣୟ ଅନୁମୋଦିତ ନ କରିବାରୁ ଦେବେନ କୌଶଳ କ୍ରମେ ହତ୍ୟା କରିଛନ୍ତି । ବିଶେଷ ଅନୁସନ୍ଧାନ ଚାଲିଛି ।

କାଳବିଳମ୍ବ ନ କରି ହ୍ମୀବୃନ୍ଦ ସାମୁଏଲଙ୍କୁ ସମସ୍ତ ଘଟଣା ଦର୍ଶାଇ ଶୀଘ୍ର ବାହାରି ପଡ଼ିବାକୁ ଅନୁରୋଧ କରି ଡ୍ରେସିଙ୍ଗ ରୁମରେ ନିଜକୁ ଗୋଟିଏ ବୃଦ୍ଧ ସନ୍ୟାସୀ ବେଶରେ ସଜାଇ ନେଲେ ।

ସାମୁଏଲ ହ୍ମୀବୃନ୍ଦଙ୍କୁ ଦେଖି ବହେ ହସିଲେ ।

ହୀରାଗୁନ୍ଦ ସାମୁଏଲଙ୍କୁ ସତର୍କକରାଇ ଦେଲେ ତାଙ୍କର ପ୍ରତି ପଦେ ପଦେ ବିପଦ । ବୁଦ୍ଧିମତ୍ତାର ସହିତ ତାଙ୍କୁ ଠିକ ସମୟରେ ସାହାଯ୍ୟ **ଦଅ** ନ ହେଲେ ତାଙ୍କର ଜୀବନ ଯିବା କେବଳ ସାର ହେବ ।

ଟ୍ରାମରେ ଛଦ୍ମବେଶୀ ବାବାଜୀ ଓ ସାମୁଏଲ, ଅଜିତସିଂହର ବାସସ୍ଥାନ ଉଦ୍ଦେଶ୍ୟରେ ଗଲେ ।

ଟ୍ରାମରୁ ଓହ୍ଲାଇ ଫାଟକ ପିଠାଇ ଛଦ୍ମବେଶୀ ହୀରାଗୁନ୍ଦ, ଅଜିତ ଗୃହରେ ପ୍ରବେଶ କଲେ ।

ଘରଟି ଶୂନସାନ । ଉଷାରାଣୀ ଚିନ୍ତିତ ଭାବରେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ଦୁଇଟି ଚାକର ମାତ୍ର ସହାୟକ ତାର ।

ଜଲିଲ ଫେରାର ହୋଇଛନ୍ତି ଆଗରୁ କୌଣସି ମତାନ୍ତର ହେତୁ ଅଜିତ ସଙ୍ଗରେ ।

"—ଭିକ ଦୁଇଟା ମିଳିବ ମା ।"

ମୁଣ୍ଡଟେକି ଉଷାରାଣୀ ଅନାଇଲା······

ଅନ୍ୟ କିଛି ଚିନ୍ତା ନକରି ଛଦ୍ମବେଶୀ ବାବାଜୀ କ୍ଷିପ୍ର ଗତିରେ ଉଷା ନିକଟକୁ ଯାଇ, ଧୀର କଣ୍ଠରେ କହିଲେ—"ମୋତେ ଚିହ୍ନି ପାରୁଛ"

ଉଷାରାଣୀ ବିକବିକ କରି ତାଙ୍କ ମୁହଁକୁ ଅନାଇଲା । ଦାଢି ନିଶ ଖୋଲି ଦେବାରୁ, ଉଷାରାଣୀ ଚୁପା ଗଳାରେ କହିଲା—"ଆପଣ ହୀରାଗୁନ୍ଦବାବୁ ? ଆପଣ ହିଁ ମୋତେ ଉଦ୍ଧାର କରିବେ···ଦେବେନ-ବାବୁ ହତ୍ୟାକାରୀ ନୁହନ୍ତି । ତାଙ୍କୁ ବଞ୍ଚାଅ । ଉଦ୍ଧାର କର । ପୁଲିସ ତାଙ୍କୁ ହିଁ ସନ୍ଦେହ କରୁଛନ୍ତି ।"

"—ସତ୍ୟ କଥା ମୋତେ କୁହ । ଦେବେନର କିଛି ହେବନି । କହି ପାରିବ ଦେବେନ କେଉଁଠି ବର୍ତ୍ତମାନ ?"

—ଜଲିଲ ହତ୍ୟା ରହସ୍ୟ ପୂର୍ବରୁ କଲିକତାରେ ପହଞ୍ଚିବାର ପରଦିନ ତାଙ୍କ ସଙ୍ଗରେ ଝଗଡ଼ା କରି ଏଠୁ ପଳାଇ ଗଲା । ଚନ୍ଦ୍ରର ମନ ଖରାପ ଥିଲା କେତେଦିନ ହେଲା । ସବୁବେଳେ ଯେମିତି ସେ କ'ଣ ଭାବୁଥିଲେ । ଅଜି ୨ଟା ବେଳେ ଦେବେନ ବାବୁ ଆସି ମୋ ସଙ୍ଗରେ କଥା ହେଉଥିଲେ । ତାଙ୍କ ବୁଲିଆସି ଦେଖନ୍ତି ତ ଦେବେନବାବୁ ଆଉ ମୁଁ କଥାହେଉଛୁ । ସେ ରାଗିଉଠି ଦେବେନବାବୁଙ୍କୁ ପ୍ରହାର କରି ଘରୁ ତଡ଼ିଦେଲେ । ଦେବେନବାବୁ ବି ବଡ଼ ଗରମ ହୋଇଉଠିଲେ । ଗଲାବେଳେ ପ୍ରତିହିଂସା ନେବେ ବୋଲି ଚିତ୍କାର କରି ଯାଉଥିଲେ ।

ମୁଁ ବଡ଼ ବ୍ୟଥିତ ହୋଇ ନିଜ ଘରେ କବାଟ କିଳି କାନ୍ଦୁଥିଲି । ଏକଘଣ୍ଟା ପରେ କ'ଣ ଗୋଟାଏ କାମ ନେଇ ଚାକର ଆସି ମୋତେ ଡାକିଲା । ଠିକ ମୋର ମନେ ନାହିଁ .....

ବୈଠକ ଖାନାକୁ ଯାଉ ଯାଉ ଗୋଟାଏ କ୍ଷୀଣ କରୁଣ ଚିତ୍କାର ଶୁଣିଲି । ପଶିଯାଇ ଦେଖିଲି ତ ଦେବେନବାବୁ ଭୟଙ୍କର ଆଘାତ ପାଇ ତଳେ ପଡ଼ିଛନ୍ତି । ଆଉ ତାଙ୍କଠାରୁ କିଛି ଦୂରରେ ଚନ୍ଦ୍ରଙ୍କର ଜୀବନ ନଥିବା ଶରୀରଟା ପଡ଼ିଛି·· ସଦ୍ୟ ରକ୍ତ ପାଟିରୁ ବହିଯାଉଛି ଦୁଇ ଧାରରେ ।

କିନ୍ତୁ ମୁଁ ଖବର ପାଇଥିଲି କ୍ଲବରେ·· ତା'ପରେ

—ଭୟରେ ମୁଁ ଚିତ୍କାର କଲି । ଚାକର ବାକର ଆସି ଜମା ହୋଇଗଲେ । ହଠାତ୍ ଜଲିଲ ବି ସେଠି ପହଞ୍ଚିଲା । ବିଶେଷ ଦୁଃଖିତ ହୋଇ ପୋଲିସକୁ ଫୋନ କଲା ।

ପୋଲିସ ଆସିଲା ବେଳକୁ ଦେବେନ ବାବୁଙ୍କର ଚେତା ହୋଇ ଯାଇଥିଲା ।

—ତା'ପରେ ?

ତା'ପରେ ଦେବେନବାବୁଙ୍କ ନିକଟରେ ପଡ଼ିଥିବା ଠେଙ୍ଗାଟି ଯେଉଁଥିରେ ରକ୍ତ ଲାଗିଥିଲା, ତା'ସହିତ ତାଙ୍କୁ ଗିରଫ କରିନେଲେ । ସେ ନିର୍ଦ୍ଦୋଷ···ମୁଁ ଜାଣେ ସେ ନିର୍ଦ୍ଦୋଷୀ ।

ଉଷାରାଣୀଙ୍କ ସହିତ ହୀରାଚାନ୍ଦ ବୈଠକଖାନାରେ ସମସ୍ତ କଥା ପ୍ରତାଳ କଟ୍‌ନେଇ କହିଲେ—ଏଇ ଦିନେ ଦୁଇଦିନ ଭିତରେ ଚଉଙ୍କୁ ସତର୍କ କରାଇ କେହି କ'ଣ ଚିଠି ଲେଖିଥିଲା କି ?

ଚିଠିପତ୍ର କଥା ମୁଁ ଜାଣେନା । ବୈଠକ ଖାନାର ଡ୍ର ଭିତରେ ତାଙ୍କର ସମସ୍ତ ଚିଠିପତ୍ର ରଖାହୁଏ ।

ଡ୍ର ଖୋଲିବା ପୂର୍ବରୁ ଟେବୁଲ୍‌ଉପ ତଳେ ଗୋଟିଏ ନେଳିଆ ଲଫାଫା ତାଙ୍କ ଆଖିରେ ପଡ଼ିଲା । ଲଫାଫାଟି ହୀରାଚାନ୍ଦ ଉଠାଇ ନେଇ ଖୋଲି ଦେଖିଲେ ଲେଖା ଅଛି—

ଅଜୀତ,

ଯମ ସାଙ୍ଗରେ ଖେଳିବାକୁ ତୋତେ ଭଲ ଲାଗିଲା, ନୁହେଁ ? ସମୁଦ୍ର ଭିତରେ ଜଳସମାଧି ଦେବାକୁ ଚେଷ୍ଟା କରିଥିଲୁ । ଜାଣୁ, ବାହାଗିର ଶରୀରକୁ ପାଣି, ପବନ, ନିଆଁ ସମସ୍ତେ ବି ଡରନ୍ତି । ବାହାଗି ବଞ୍ଚିଛି । ଆଜି ତୋର ସମସ୍ତ ରୋଜଗାର ପନ୍ଥା ବନ୍ଦ କରିଦେଇ; ତୋର ସମସ୍ତ ଅନୁଚରଙ୍କୁ ନେଇ, ଏପରିକି ତୋର ଦୋସ୍ତ ଜଲିଲକୁ ନେଇ ଆସି ନିଜେ ସଂଗଠନ କରିଛି । ପ୍ରଥମ ବଳି ତୁ ହେବୁ । ପ୍ରସ୍ତୁତ ହୋଇଥାଅ ।

ଇତି

ବାହାଗି

ହୀରାଚାନ୍ଦ ବିସ୍ମାରିତ ନେତ୍ରରେ ଏକା ନିଶ୍ୱାସକେ ଚିଠି ପଢ଼ି ଶେଷ କରିଦେଇ କହିଲେ—ମୋର ଅନୁମାନ ଅକ୍ଷରେ ଅକ୍ଷରେ ସତ । ହତ୍ୟାକାରୀ ବାହାଗି···ଦେବେନ ନୁହେଁ···ଜଲିଲ ତାର ସହାୟକ ।

—ଖଲିଲ ଯେ ହତ୍ୟା ପରେ ଆସି ଦୁଃଖ ପ୍ରକାଶ କରୁଥିଲା, ତାର ଅନ୍ୟ ଉଦ୍ଦେଶ୍ୟ ଅଛି···ତୁମେ ସାବଧାନ ହୋଇ ରୁହ । ନିର୍ଭୟ ହୁଅ । ଦେବେନ ନିଶ୍ଚୟ ମୁକ୍ତ ହେବ । ମୋର ସାଥି ମିଷ୍ଟର ସାମୁଏଲ ଏଠି ରହିଲେ । ତୁମେ ଯାଇ ମୋ ବସାରେ ଆଶ୍ରୟ ନିଅ । ମୁଁ ସବୁ ଦେଖୁଛି । କହୁ କହୁ ହୀରଚନ୍ଦ ବାବାଜି ବେଶରେ କ୍ଷିପ୍ର ଗତିରେ ଜନ-ସମାଜ ସଙ୍ଗରେ ମିଶିଗଲେ ।

× × ×

ହୀରଚନ୍ଦ ସମସ୍ତ ବୃତ୍ତାନ୍ତ ଇନଚାର୍ଜ ଅଫିସରଙ୍କୁ କହିଲେ । ଥାନା ଅଫିସର ୨୫ ଜଣ ସଶସ୍ତ୍ର ପୋଲିସଙ୍କୁ ସାହାଯ୍ୟ କରିବାକୁ ପଠାଇଲେ ।

"ଉଷାରାଣୀଙ୍କୁ ହରଣଗୋଲ କରିବାର ମସୁଧାରେ ବହାଗ୍ର ଅଛି ।" ଚୁପ ଚୁପ କହିଲେ ସାମୁଏଲଙ୍କ କାନରେ । ସାବଧାନତା ସହକାରେ ଆଖି ରଖିବାକୁ ପରାମର୍ଶ ଦେଇ ହୀରଚନ୍ଦ ବାହାରିଲେ । ବହାଗ୍ରର ଆଡ୍ଡା ଜାଗାକୁ ।

ପୁଲିସ ଦଳଟି ତାଙ୍କୁ ଅନୁଧାବନ କରୁଥିଲେ । ତାଙ୍କ ନିର୍ଦ୍ଦେଶ ମତେ ସେମାନେ ବାଟରେ ଅଟକି ଗଲେ ।

ଆଗରେ ଗୋଟିଏ ସୁନ୍ଦର ମସ୍ତବଡ଼ ବଗିଚା ପରିବେଷ୍ଟିତ କାଳୀ ମନ୍ଦିର । ସିଂହଦ୍ୱାର ମୁହଁରେ ଦୁଇଟି ବୁଢ଼ୀ ଠିଆ ହୋଇଥାନ୍ତି ।

ହୀରଚନ୍ଦ ଗେଟ ନିକଟରେ ତାଙ୍କ କାନରେ ଜୟ ମା' କାଳୀ । ନୀମୁଣ୍ଡ ମାଳିନୀ ମା' ଭୈରବୀ···ମନ୍ତ୍ର ଉଚ୍ଚାରଣ କଲେ ।

ସ୍ତ୍ରୀ ଲୋକ ଦୁଇଜଣ ହସି ହସି ବାଟ ଛାଡ଼ିଦେଲେ ।

ଜଣେ କହିଲା—ଆଜି କେତେ ନୂଆ ପୁରୁଣା ଲୋକ ଆସିଲେଣି ।

—ଆସିଲେଣି କେଉଁଠୁ ? କେତେ ଯେ ଆସିବେ ।

ହୀରାଚାନ୍ଦ ତାଙ୍କ କଥାଶୁଣି ମନେ ମନେ ଭାବିଲେ ତାର ଖବର ନେବା ତେବେ ଠିକ ହୋଇଛି ।

ତମ୍ବୁ ଭିତରେ ବଡ଼ବଡ଼ ସତରଞ୍ଜି ବିଛା ହୋଇଛି, କୋଡ଼ିଏ,ପଚିଶି ଜଣ ବଳିଷ୍ଠବପୁ ବଳିଷ୍ଠ ଡାକାଜୀ ବସି ଗଞ୍ଜେଇ ଚିଲମ ଟାଣିବାରେ ବ୍ୟସ୍ତ ।

"ଅନେକ ସମୟ ବାକି ଅଛି ସର୍ଦ୍ଦାର ଆସିବାକୁ" ଜଣେ କହିଲା ।

"ସର୍ଦ୍ଦାର ସେ ମାଇକିନିଆକୁ ନ ଆଣି ଆଜି ଫେରିବେନି ।" ଅନ୍ୟ ଜଣେ କହିଲା ।

"ଖାଲି ସେତିକି ନୁହେ । ପ୍ରଥମେ ତାର ଶତ୍ରୁ ସେ ହୀରାଚାନ୍ଦକୁ ମାରିବ । ଦ୍ୱିତୀୟରେ ସେ ମାଇକିନିଆକୁ ହରଣଚାଲ କରି ଫେରିବ ।"

"ଜଲିଲ ସର୍ଦ୍ଦାର ବି ଯାଇଛି ନା କଣ ? ପ୍ରଥମ ଜଣେ ପ୍ରଶ୍ନ କଲା ।"

ହୀରାଚାନ୍ଦ ଛଦ୍ମବେଶରେ ତାଙ୍କ ମେଳରେ ମିଶିଗଲେଣି । ସେଥିକି କାହାର ନଜର ନାହିଁ ।

"ସର୍ଦ୍ଦାର ! ସର୍ଦ୍ଦାର ହେବ ତ ବାହାଗ୍ରୀ ସର୍ଦ୍ଦାର ପରି ହେବ । ସୁଖଦୁଃଖ ଦଳ ଲୋକଙ୍କର ସେ ଯେମିତି ବୁଝେ, ଆଉ ସେ ଲେଖି ଅଜାତ ସର୍ଦ୍ଦାର ! ଠିକ୍ ପାନେ ହୋଇଛି ।"

"କମି ସାହାସ ବାହାଗ୍ରୀ ସର୍ଦ୍ଦାରର ? ଦିନ ଦି ପ୍ରହରରେ ଅଜାତ ସର୍ଦ୍ଦାରକୁ...... ।"

ଏତିକିବେଳେ ଜଲିଲ ସର୍ଦ୍ଦାର ସେଠି ପହଞ୍ଚି ଗଲାରୁ ସମସ୍ତେ ହୋ ହୋ ପାଟି କରି ବଡ ସର୍ଦ୍ଦାର କଥା ପଚାରିଲେ ।

ଆମ ଚିର ଶତ୍ରୁକୁ ସର୍ଦ୍ଦାର ଆଜି ପାଇ ପାରିଲାନି । ଅଳ୍ପସମୟ ପରେ ସେ ଉପ କୁ ନେଇ ପହଞ୍ଚିବ । ମଉଜ ମଜଲିସ କର । ଆରାମ କର...... ।"

ଜଲ୍ଲଦର ଆଖି ଏତିକି ବେଳେ ଛଦ୍ମବେଶୀ ହୀରାଗୁନ୍ଦଙ୍କ ଉପରେ ପଡ଼ିଲା । ଆମ ଶତ୍ରୁ ! ଗୁଇନ୍ଦା ହୀରାଗୁନ୍ଦ ଆମ ମେଳରେ । ସବୁ ଭିତର କଥା…… ।

ଡକାୟତଦଳ ଦାନ୍ତ କଡ଼ମଡ଼ କରି ଚାରିଆଡ଼େ ତାଙ୍କୁ ଘେରି-ଗଲେ ।

ଜୀବନରେ ତାଙ୍କୁ ଶେଷ କରିଦେଇ ଥାଆନ୍ତେ । କିନ୍ତୁ ସର୍ଦ୍ଦାର ବହାଗୀ ନିଜ ହାତରେ ହୀରାଗୁନ୍ଦଙ୍କୁ ମାରି ରକ୍ତ ପିଇବ ବୋଲି ଯେଉଁ ପଣ କରିଥିଲା, ତାହା ପୂରଣ କରିବା ପାଇଁ ଡକାୟତ ଦଳ ତାଙ୍କୁ ଅପେକ୍ଷା କରି ରହିଥିଲେ ।

ତାଙ୍କ ଠାରୁ ସବୁ ଲୁଣ୍ଠି ନେଇ ତାଙ୍କୁ ହାତ ଓ ଗୋଡ଼ ଦଉଡ଼ିରେ ବାନ୍ଧି ଦେଇ ଗୋଟିଏ ଅନ୍ଧାର ଘରେ ଗୁଞ୍ଜି ପକାଇ ବନ୍ଦ କରିଦେଲେ ।

ବହାଗୀ ସର୍ଦ୍ଦାର ଆଉ କିଛି ମାନିବାକୁ ଚାହେଁନା । ଚିତ୍କାର କରି ଉସ୍ତାରାଣୀଙ୍କୁ ଉଡ଼ାଇ ଆଣିଛି ।

· · · · · · · · ·

ଜଲିଲ ହୀରାଚୁନ୍ଦ ଓ ପୁଲିସ ଇନ୍‌ସପେକ୍ଟର ଉଷାରାଣୀଙ୍କୁ ଦେବେନର ମୁକ୍ତି ସଂକ୍ରାନ୍ତରେ ପରାମର୍ଶ ଦେବା ନିମନ୍ତେ ଗୃହୁଁ ଛନ୍ତି ବୋଲି କହି, ତାଙ୍କୁ ପ୍ରତାରିତ କରି ନେଇଆସନ୍ତି ବହାରୀଙ୍କୁ ଉପହାର ଦେବାପାଇଁ । ବହାରୀଙ୍କୁ ସନ୍ତୁଷ୍ଟ କଲେ ସେ ହେବ କଲିକତା ଦଳର ନେତା····· ।

"ହୀରାଚୁନ୍ଦର ବଗୁର" ଜଲିଲ କହିଲା ।

ବହାରୀ ଢଳେଇ ଢଳେଇ କହିଲା—ଆଜ । କାଲି ତାର ରକ୍ତ ମା'ଙ୍କୁ ପିଆଇବି । ମୁଁ ପିଇବି । ଅଜି ନିର୍ଜନରେ ମୋତେ ଉପଭୋଗ କରିବାକୁ ଦିଅ । ଅନେକ ଦିନର ଗୋଠିଏ ଆଶା । ଜାହାଜରେ ଏ ସୁନ୍ଦରୀଙ୍କୁ ଦେଖିବା ଦିନଠାରୁ ଗୋଟାଏ ଉତ୍କଟ ଆଶା ଆଜି ଫଳବତୀ ହେଉ । ସମସ୍ତେ ଆନନ୍ଦ କର । ଉତ୍ସବ କର··· । ଟଙ୍କା ? କପଟେ ପାର ଖର୍ଚ୍ଚ କରିଯାଅ ।

ଗୋଟିଏ ପ୍ରଶସ୍ତ କୋଠରୀର ଗୋଟାଏ କୋଣରେ ଉଷାରାଣୀ ଭୀତତ୍ରସ୍ତ ଭାବରେ ବସିଛନ୍ତି । ପ୍ରବେଶ କଲା ସେଠାରେ ସର୍ଦ୍ଦାର ବହାରୀ । ଆଖିରେ ଜଳୁଛି ପ୍ରେମାଗ୍ନି—ଅଙ୍ଗ ପ୍ରତ୍ୟଙ୍ଗରେ ଉନ୍ମାଦନା, ଜ୍ୱାଳା ଲିଭାଇବା ପାଇଁ—ଦସ୍ୟୁ ବହାରୀର ଦରକାର ଉଷା—ଧନରତ୍ନ ଲୁଣ୍ଠନ କରିବନି ଆଜି—ଲୁଣ୍ଠିବ ଯୌବନ—ଜୀବନର ଉପଭୋଗ ପାଇଁ ଉଷାର ଯୌବନ ।

× × × ×

ଡକାୟତମାନେ ନିଶ୍ଚିନ୍ତ । ହୀରାଚାନ୍ଦ ବନ୍ଦୀ । ଚିରଦିନକୁ ହୀରାଚାନ୍ଦଙ୍କୁ ପୃଥିବୀ ବକ୍ଷରୁ ନିଃଶେଷ କରିଦେଲେ, ଅକ୍ଳେଶରେ ତାଙ୍କର ବ୍ୟବସାୟ ଚାଲୁ ରହିବ ।

ହୀରାଚାନ୍ଦଙ୍କ ଅଣ୍ଟାରେ ଥିଲା ଛୁରୀ । କୌଶଳକ୍ରମେ ଅଣ୍ଟାର ଛୁରୀରେ, ଦାନ୍ତ ସାହାଯ୍ୟରେ ହାତ ଗୋଡ଼ରେ ବନ୍ଧା ହୋଇଥିବା ଦଉଡ଼ିଟିକୁ କାଟି ଦେଲେ । ବନ୍ଧନ ମୁକ୍ତ ହୋଇ ଚତୁର୍ଦ୍ଦିଗ ନିରୀକ୍ଷଣ କରୁ କରୁ ଦେଖିଲେ ଅନ୍ୟ କୋଠରୀରୁ ଗୋଟିଏ ସୁଡଙ୍ଗ ପଥ କଟି କଟି ଅନ୍ଧାର । ଧୀରେ ଧୀରେ ଆଗକୁ ପାଦ ପକାଇଲେ । ବହୁ କଷ୍ଟରେ ଅନ୍ଧାରୁଆ ସୁଡଙ୍ଗ ଭିତରେ ଗତି କରୁ କରୁ ଆସି ରାସ୍ତା ଉପରେ ଉଠିଲେ ।

ଆଠଘଣ୍ଟା ବିତି ଗଲାଣି । ତଥାପି ପୋଲିସ ଦଳଟି ଲକ୍ଷ୍ୟହୀନ ଭାବରେ ପଇଁତରା ଦେଇ କାହାର ସଙ୍କେତକୁ ଅପେକ୍ଷା କରିଥାନ୍ତି ।

ହୀରାଚାନ୍ଦଙ୍କୁ ଏ ଅବସ୍ଥାରେ ଦେଖି ସେମାନେ ବିସ୍ମିତହୋଇ କେତେ କଥା ପଚାରି ବସିଲେ ।

ହୀରାଚାନ୍ଦ ନିର୍ବାକ । କୌଣସି ଜବାବ ଦେବାକୁ ସତେ ଯେପରିବସେ ଅକ୍ଷମ । ଅଭିସନ୍ଧିସ୍ତୁ ପ୍ରକୃତ ବିଜୟ ଉଲ୍ଲାସରେ ତାଙ୍କର ମାତି ଉଠିଲା । ସୁଡଙ୍ଗ ବାଟେ ଗୋଟି ଗୋଟି ହୋଇ ପଚିଶ ଜଣଯାକ ଫୌଜ ପ୍ରବେଶ କଲେ ଚୋରଙ୍କ ଅଡ୍ଡା ଜାଗାରେ

ଡାକୁ ଜଗୁଆଳ ଗୁଡ଼ିକ ମଦ ପିଇ ନିଶ୍ଚିନ୍ତରେ ଘୁଙ୍ଗୁଡ଼ି ମାରୁଥାନ୍ତି । ସେମାନଙ୍କ ଚେତା ନ ଥିଲା । ଯଦି ଚେତା ସେମାନେ ଫେରି ପାଆନ୍ତି, ପୁଲିସଦଳ ପ୍ରସ୍ତୁତ ଥିଲେ ସେମାନଙ୍କୁ ଉପଯୁକ୍ତ ଉତ୍ତର ଦେବାରେ··· ।

ଆଠଟି ଡାକୁଙ୍କୁ ବୋହି ନେଇ ତାଙ୍କୁ ପୁଲିସ ପୋଷାକ ପିନ୍ଧାଇ ଜବରଦସ୍ତି ସେ ଅନ୍ଧାର ଘରେ ବନ୍ଦୀ କରିଦେଲେ ।

ଡାକୁ ମାନଙ୍କର ପୋଷାକ ୮ଟି ପୁଲସ ପିନ୍ଧି ନେଲେ । ଛଦ୍ମବେଶୀ ହୀରାଚନ୍ଦ ହାତରେ ହାତକଡ଼ି ପିନ୍ଧାଇ ଦେଇ ଠାଣି ଠାଣି ବହାଗିର ଶୟନ କକ୍ଷ ନିକଟକୁ ନେଇଗଲେ ।

ଅସ୍ପଷ୍ଟ ଭାଷାରେ ଶୁଣାଗଲା—ମୁଁ କେବଳ ଦେବେନବାବୁଙ୍କ ଜୀବନ ଚାହେଁ । ତମେ ଯାହା ଚାହିଁ ଦେବ......ସେ ବର୍ଷି ଦିଅନ୍ତୁ ।

ଏଇ ସାମାନ୍ୟ କଥା ! ତମେ ମୋ ନିକଟକୁ ଆସ । ଭାବୁଛ, ହୀରାଚନ୍ଦ ରଖିବ ବୋଲି ତମକୁ ? ତମେ ରାଜି ହୋଇଯାଅ । ଦେବେନ ରକ୍ଷା ପାଇବ ଓ ହୀରାଚନ୍ଦକୁ ତମର ଗୋଡ଼ତଳେ କାଲି ବଳି ଦେବ ।

—ଯାହା କର ଦେବେନବାବୁଙ୍କ... ।

—ସେ ବିଷୟ ନେଇ ନିର୍ଭୟ ହୁଅ ।

—ନିର୍ଭୟ ହେବି କିପରି ?

—ହଉ, ଗୋଟାଏ ରାତିର ମଜଲିସ ପାଇଁ ସର୍ଦ୍ଦାର ବହାଗି ତମର ପ୍ରେମ ପାଇଁ—ତୁମର ସାନ୍ନିଧ୍ୟ ଲୋଭରେ ଦେବେନଙ୍କୁ ମୁକ୍ତି ଦେବାପାଇଁ ପ୍ରମାଣ ପତ୍ରଲେଖି ଦେଉଛି ।

ବହାଗି ଲେଖିଲା—ମୁଁ ବହାଗି କଳିଙ୍ଗର ଡାକୁ ସର୍ଦ୍ଦାର ବହାଗି । ବଙ୍ଗଳାର ବିଶ୍ୱାସଘାତକ ଡାକୁ ଅଜିତଚନ୍ଦ୍ରକୁ ହତ୍ୟା କରୁଛି । ଦେବେନ ନୁହେଁ.. ଦେବେନ କେଉଁ ଉଦ୍ଦେଶ୍ୟରେ ଆସିଥିଲା ଜାଣେନି । ମେତେ ପ୍ରତିରୋଧ କଲା ବୋଲି ତାକୁ ଗୋଟାଏ ଠେଙ୍ଗାରେ ଆଘାତ କରି ମୂର୍ଚ୍ଛା ପଠାଇ ଦେଲି । ଦେବେନ ନିର୍ଦ୍ଦୋଷ ।

ଇତି

ଡାକୁ ସର୍ଦ୍ଦାର

ବହାଗି

"ହେଲା ?" କହୁ କହୁ ଅବଗୁଣ୍ଠିତା ସୁନ୍ଦରୀ ରାଣୀଙ୍କ ଉଷା ହାତକୁ କାଗଜଟି ବଢ଼ାଇଦେଲା ।

ଏତିକିବେଳେ କିଏ ଜଣେ କବାଟରେ ଆଘାତ ଦେଲା ।

ଗର୍ଜନ କରି ଉଠିଲା ବିହାରୀ "କିଏ ସେ ବଦମାସ ?"

"ନାହିଁ ଆଜ୍ଞା, ହୀରାଚାନ୍ଦ ପଳାଇ ଯାଉଥିଲା ଯେ"…ହୀରାଚାନ୍ଦ ଚାପା ଗଳାରେ କହିଲେ ।

ବିହାରୀ କବାଟଟା ଧଡ଼ କରି ଫିଟାଇ ପତ୍ନୀକୁ ଆସି ଗର୍ଜି କରି କହିଲା—"ସବୁ ଅଭିଯାନ ମୂଳରେ ତୁ କାଳ ହେଲୁ ।" ପିସ୍ତଲଟି ତା ମୁଣ୍ଡ ଉପରକୁ ଲକ୍ଷ୍ୟ କରି ଫାଏର କଲା ବେଳକୁ, ମନେ ପଡ଼ିଲା ତାର ପୂର୍ବ ପ୍ରତିଜ୍ଞା କଥା ପିସ୍ତଲକୁ ତଳେଇ ଆଣି କହିଲା—ନା ନାଁ, ମୋର ପ୍ରତିଜ୍ଞା ତାକୁ ଛୁରୀରେ ହତ୍ୟା କରି ତାର ରକ୍ତରେ…… ।

ହଠାତ୍ ଘର ଭିତରକୁ ପଶିଯାଇ ଗୋଟାଏ ତୀକ୍ଷ୍ଣ ଛୁରୀକା ଆଣି ହୀରାଚାନ୍ଦକୁ ଆକ୍ରମଣ କଲାବେଳକୁ ଅଟୋମେଟିକ୍ ସ୍ପ୍ରିଙ୍ଗ୍ ହାତକଡ଼ିଟି ଫିଟିଗଲା । ହୀରାଚାନ୍ଦଙ୍କ ବାମ ପାର୍ଶ୍ୱରେ ଥିବା ଛଦ୍ମବେଶୀ ପୁଲିସ ତାଙ୍କ ହାତକୁ ପିସ୍ତଲଟିକୁ ବଢ଼ାଇ ଦେଲା ।

ବିହାରୀ ଗର୍ଜିଉଠି ତୀକ୍ଷ୍ଣ ଛୁରୀକାଟି ହୀରାଚାନ୍ଦ ଛାତିରେ ଭୁଷି ଦେଲା ବେଳକୁ ପଛରୁ ଉଷାରଣୀ ବିହାରୀର ହାତରୁ ଛୁରୀଟାକୁ ଅଟକାଇ ଦେଇ, ଏପରି ଆକ୍ରମଣ କଲେ ଯେ, ସେ ମୁହଁ ମାଡ଼ି ତଳେ ପଡ଼ିଗଲା ।

ସହସା ଛଦ୍ମବେଶୀ ପୁଲିସମାନେ ଆକ୍ରମଣ କରି ବିହାରୀକୁ ହାତ କଡ଼ି, ଗୋଡ଼ କଡ଼ି ପିନ୍ଧାଇ ଦେଲେ ।

ହୀରାଗ୍ରନ୍ଥଙ୍କ ଠଉଁ ଟୋକାସ୍ ଭଳି ଉଠିଲା ବହାଗ୍ରୀ ମୁହଁରେ । ଦାନ୍ତ କଡ଼ମଡ଼ କରି ବହାଗ୍ରୀ କହିଲା—"ବିଶ୍ବାସ-ଘାତକୀ ।"

"ସ୍ତ୍ରୀଲିଙ୍ଗ ନୁହେଁ ପୁଲିଙ୍ଗ...... !" ବେଶ୍ ଉଲ୍ଲାସ ଉଲ୍ଲାସ ସାମୁଏଲ ହସି ହସି କହିଲା ।

ବିଚାରୀ ଅବାକ୍ !

"ସେ ବେଶ ତୁମକୁ ଭଲ ମାନୁଥିଲା ସାମୁଏଲ !" ଉପଦ୍ରୋଶ କଣ୍ଠରେ ହୀରାଗ୍ରନ୍ଥ କହିଲେ ।

—ଶେଷ